

ଉପଦେଶ ଦେବା ସରଳ କିନ୍ତୁ ଉପାୟ ବତାଇବା ଭାରି କଷ୍ଟ।
- ରବୀନ୍ଦ୍ରନାଥ ଠାକୁର



# ପରାଜୟର କାରଣ ପ୍ରାର୍ଥୀ ଚୟନରେ ତ୍ରୁଟି

**ସମ୍ବଲପୁର,୨୭।୬ (ବ୍ୟୁରୋ)**

୨୦୧୯ ସାଧାରଣ ନିର୍ବାଚନ ସରିଛି। ମେ ୨୩ରେ ଫଳାଫଳ ବି ପ୍ରକାଶ ପାଇ ସାରିଛି। କେନ୍ଦ୍ରରେ ଭାଜପା ଓ ରାଜ୍ୟରେ ୫ମ ଥର ପାଇଁ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ଗଠନ କରିଛି। ହେଲେ କଂଗ୍ରେସ ସବୁଠି ସତ୍ତା ହରାଇଛି। ତେବେ ଫଳାଫଳ ପ୍ରକାଶ ପାଇବାର ପ୍ରାୟ ଏକ ମାସ ପରେ କଂଗ୍ରେସ ଏବେ ପରାଜୟର କାରଣ ଖୋଜୁଛି। କମିଟି ଗଠନ କରି ବିଭିନ୍ନ ଜିଲାରେ ସମୀକ୍ଷା କରୁଛି। ବୁଧବାର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ବୈଠକ ଅନୁଷ୍ଠିତ ହୋଇଥିଲା । ପିସିସି ସାଧାରଣ ସମ୍ପାଦକ ଜ୍ଞାନ ରଞ୍ଜନ ବେହୁରା ଓ ବରିଷ୍ଠ ନେତା ଜର୍ଜ ତିର୍କୀ ଏଥିରେ ଯୋଗ ଦେଇଥିଲେ । ଜିଲା ସଭାପତି ଅଶ୍ୱିନୀ ଗୁରୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ହୋଇଥିଲା। ଜିଲାର କୁଚିଣ୍ଡା, ସମ୍ବଲପୁର, ରେଙ୍ଗାଲି, ରେଢାଖୋଲ ନିର୍ବାଚନ ମଣ୍ଡଳୀର ପ୍ରାର୍ଥୀ ଓ ଦଳୀୟ କର୍ମକର୍ତ୍ତାଙ୍କୁ ନିମନ୍ତ୍ରଣ କରାଯାଇଥିଲା। ହେଲେ ବୈଠକରେ ଅନେକ ନେତା ଓ କର୍ମକର୍ତ୍ତାଙ୍କ ଦେଖା ମିଳି ନ ଥିଲା । ଏଥର ନିର୍ବାଚନରେ ପ୍ରାର୍ଥୀ ହୋଇଥିବା କୁଚିଣ୍ଡା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଶୋଭାରାମ ପ୍ରଧାନ ଓ ରେଢାଖୋଲ ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଆଶଫ



ସମ୍ବଲପୁର ଜିଲା କଂଗ୍ରେସ କାର୍ଯ୍ୟାଳୟରେ ସମୀକ୍ଷା ବୈଠକରେ ଅଶ୍ୱିନୀ ଗୁରୁ, ଜଜ ତିର୍କୀ ପ୍ରମୁଖ।

- ଜିଲା କଂଗ୍ରେସ ଅଫିସରେ ସମୀକ୍ଷା ବୈଠକ
- ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ
- ବାହାର ଜିଲାର ପ୍ରାର୍ଥୀଙ୍କୁ ବିରୋଧ

ଅଲୀଖାନ ଏଥିରେ ଯୋଗ ଦେଇ ନ ଥିଲେ। ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ପ୍ରାର୍ଥୀ ଶରତ ପଟ୍ଟନାୟକ ମଧ୍ୟ ଯୋଗ ଆସି ନ ଥିଲେ । ଅବଶ୍ୟ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ଅଶ୍ୱିନୀ ପୂଜାହାରୀ ଓ ରେଙ୍ଗାଲି ବିଧାନସଭା ନିର୍ବାଚନମଣ୍ଡଳୀର ପ୍ରାର୍ଥୀ ବାଳକୃଷ୍ଣ ରୋହିଦାସ ଉପସ୍ଥିତ ଥିଲେ । ବୈଠକରେ ସବୁ ଦିଗକୁ ନେଇ ଆଲୋଚନା ହୋଇଥିଲା। ଶେଷରେ ଗଣମାଧ୍ୟମକୁ ସୂଚନା ଦେଇଥିଲେ ରାଜ୍ୟ ସମ୍ପାଦକ ଜ୍ଞାନ ରଞ୍ଜନ ବେହୁରା । ପ୍ରାର୍ଥୀ ଚୟନରେ ତ୍ରୁଟି ହିଁ ଏଥର ନିର୍ବାଚନରେ ଦଳର ପରାଜୟ ଏକ ମୁଖ୍ୟ କାରଣ ବୋଲି ସେ ପ୍ରକାଶ କରିଥିଲେ । ତେବେ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀର ସମୀକ୍ଷା ସମୟରେ ଗଣ୍ଡଗୋଳ ହୋଇଥିଲା । କିଛି ଅସନ୍ତୁଷ୍ଟ ଗୋଷ୍ଠୀ ଓ ପ୍ରାର୍ଥୀ ଚୟନକୁ ବିରୋଧ କରୁଥିବା ଅନ୍ୟ ଏକ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ସମ୍ବଲପୁର ବିଧାନସଭା ଆସନ ପାଇଁ ଅଶ୍ୱିନୀ ପୂଜାହାରୀଙ୍କୁ ଚୟନ କରିବା ଭୁଲ୍ ନିଷ୍ପତ୍ତି ଥିଲା। ଏଣୁ ସମ୍ବଲପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଦଳ ପରାଜିତ ହେଲା ବୋଲି ଦାୟି କରି ପ୍ରାୟ ୩ ଘଣ୍ଟା ଧରି ଗୋଟିଏ ଗୋଷ୍ଠୀ ଅଶ୍ୱିନୀ ପୂଜାହାରୀଙ୍କୁ ଅଟକ ରଖିଥିଲେ । ସେ ଦଳୀୟ କର୍ମକର୍ତ୍ତାଙ୍କୁ ଅଣଦେଖା କରି ଅନ୍ୟ ଲୋକଙ୍କ ସହ ଭୋଟ ବେଳେ ପ୍ରଚାର କରିଥିଲେ ବୋଲି ଅଭିଯୋଗ ଉଠିଥିଲା। ସମ୍ବଲପୁର ବିଧାନସଭା ଆସନ ପାଇଁ ଜିଲା ସଭାପତି ଅଶ୍ୱନୀ ଗୁରୁଙ୍କ ନାମ ଘୋଷଣା ପରେ ପୁଣି କାହିଁକି ପରିବର୍ତ୍ତନ କରାଗଲା ବୋଲି ପ୍ରଶ୍ନ ଉଠିଥବଲା। ଏଣୁ ଅଶ୍ୱିନୀ ଗୁରୁଙ୍କ ବଦଳରେ ଅଶ୍ୱିନୀ ପୂଜାହାରୀଙ୍କୁ ସମ୍ବଲପୁର ବିଧାନସଭା ସିଟରୁ ପ୍ରାର୍ଥୀ କରାଯିବାରୁ ଦଳ ପରାଜିତ ହେଲା ବୋଲି ଅଭିଯୋଗ କରି ହୋ ହାଲ୍ଲା ହୋଇଥିଲା । ଅବଶ୍ୟ ପରେ ପରିସ୍ଥିତି ଶାନ୍ତ ପଡିଥିଲା । ସେହିପରି ଦୁଇ ମହିଳା ଗୋଷ୍ଠୀଙ୍କ ମଧ୍ୟରେ ମଧ୍ୟ ଗଣ୍ଡଗୋଳ ହୋଇଥିଲା । ଏମ୍‌ପି ପ୍ରାର୍ଥୀ ଚୟନକୁ ନେଇ ମଧ୍ୟ ପାଟିତୁଣ୍ଡ ହୋଇଥିଲା। ବଲାଙ୍ଗୀରର ଶରତ ପଟ୍ଟନାୟକଙ୍କୁ ଦଳ ପ୍ରାର୍ଥୀ କରି ଭୁଲ୍ କରିଛି। ଏଥି ପାଇଁ ଲୋକସଭା ଆସନରେ ବି ଦଳ ପରାଜିତ ହେଲା। ହାଇକୋର୍ଟ ସ୍ଥାୟୀ ବେଞ୍ଚ ବଲାଙ୍ଗୀରରେ ସ୍ଥାପନ ହେବା ସପକ୍ଷରେ ଶରତ ପଟ୍ଟନାୟକ । ତେଣୁ ତାହାର ମଧ୍ୟ ନିର୍ବାଚନରେ ପ୍ରଭାବ ପଡିଲା ବୋଲି ଅଭିଯୋଗ କରି ଏହି ବୈଠକରେ ହୋ ହାଲ୍ଲା ହୋଇଥିଲା। ତେବେ ସମସ୍ତ କର୍ମକର୍ତ୍ତା ଏକାଠି ହୋଇ ଦଳକୁ ସୁଦୃଢ କରିବା ସହ ଆଗାମୀ ନିର୍ବାଚନ ପାଇଁ ଏବେଠୁ ପ୍ରସ୍ତୁତ ହେବାକୁ ଏଥିରେ ସ୍ଥିର ହୋଇଛି।

## ଥାନାରେ ଆତ୍ମସମର୍ପଣ ପରେ କନିଷ୍ଠ ଯନ୍ତ୍ରୀଙ୍କୁ ଜାମିନ

**କୋଲାବିରା,୨୬।୬ (ଡି.ଏନ.ଏ.)**

ଝାରସୁଗୁଡା ଜିଲା କୋଲାବିରା ବ୍ଲକରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ପଦ୍ମଚରଣ ପ୍ରଧାନ ଗିରଫ ଭୟରେ ଗତ ୪ ତାରିଖରୁ ଫେରାର ଥିଲେ। ୨୪ ତାରିଖରେ କୋଲାବିରା ଥାନାରେ ଆତ୍ମସମର୍ପଣ ପରେ ଜାମିନରେ ମୁକୁଛନ୍ତି। ରୁଦ୍ରପ୍ରତାପ ସିଂହ ନାମକ ଜଣେ ଯୁବକଙ୍କ ସହିତ ତାଙ୍କର ଗଣ୍ଡଗୋଳ ହେବା ପରେ ଉଭୟ ପକ୍ଷରୁ କୋଲାବିରା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଉଭୟ ପକ୍ଷର ଅଭିଯୋଗକୁ ଆଧାର କରି ୨ଟି ପୃଥକ ମାମଲା ରୁଜୁ କରିଥିଲା। ରୁଦ୍ରପ୍ରତାପ ଗିରଫ ହୋଇ ପରେ ଜାମିନରେ ମୁକୁଳି ଥିଲେ। ମାତ୍ର କନିଷ୍ଠ ଯନ୍ତ୍ରୀ ପଦ୍ମଚରଣ ପ୍ରଧାନ ଫେରାର ଥିଲେ। ହାଇକୋର୍ଟରୁ ଜାମିନ ଆଣିବା ପରେ କୋଲାବିରା ଥାନାରେ ଆତ୍ମସମର୍ପଣ କରିଥିଲେ। କୋର୍ଟଙ୍କ ଆଦେଶ (ଏଡିଏଲ/ଏପିଏଲ ୮୦୭୮/୦୧/୨୦୧୯) ଅନୁସାରେ କନିଷ୍ଠଯନ୍ତ୍ରୀଙ୍କୁ ଥାନାରୁ ଜାମିନରେ ଛଡା ଯାଇଥିବା କୋଲାବିରା ଥାନା ଅଧିକାରୀ ସୁକୁମାର ତ୍ରିପାଠୀ ସୂଚନା ଦେଇଛନ୍ତି। ତେବେ ଜାମିନରେ ମୁକୁଳିବା ପରେ ଯନ୍ତ୍ରୀ ପଧାନ ୨୪ ତାରିଖ ବ୍ଲକ କାର୍ଯ୍ୟାଳୟରେ ଯୋଗ ଦେଇ ୨୫ ତାରିଖ ଛୁଟିରେ ରହିଥିଲେ। ବୁଧବାରଠାରୁ ସ୍ୱାଭାବିକ ଭାବରେ କାର୍ଯ୍ୟରେ ଯୋଗ ଦେଇଛନ୍ତି।

## ସଂକ୍ଷେପରେ

### ବନ୍ଧୁକ ସହ ଅଭିଯୁକ୍ତ ଗିରଫ

**ସମ୍ବଲପୁର,୨୬।୬ (ବ୍ୟୁରୋ)-** ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ଗୋଟିଏ ବନ୍ଧୁକ ସହ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଗୋପାଳମାଳର ଜେ.ସୁଜିତ (୨୮) । ଏ ନେଇ ଥାନାରେ ୨୫୯/୧୯ରେ ଏକ ମାମଲା ରୁଜୁ ହୋଇଛି।

### ସ୍ୱାଧୀନତା ସଂଗ୍ରାମୀଙ୍କ ପତ୍ନୀଙ୍କ ବିୟୋଗ

**ସମ୍ବଲପୁର, ୨୬।୬ (ବ୍ୟୁରୋ)-** ସ୍ୱାଧୀନତା ସଂଗ୍ରାମୀ ତଥା ସମ୍ବଲପୁର ଜିଲାରେ କମ୍ୟୁନିଷ୍ଟ ଆନ୍ଦୋଳନର ଆଦ୍ୟ ସଂଗଠକ ସ୍ୱର୍ଗତ କୃପାସିନ୍ଧୁ ଖୁଣ୍ଟିଆଙ୍କ ପତ୍ନୀ ଚଞ୍ଚଳାଙ୍କ ବୁଧବାର ମୁଦିପଡ଼ା ଏଲଆଇସି କଲୋନୀସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୮୦ ବର୍ଷ ବୟସ ହୋଇଥିଲା । ୩ ପୁଅ ଅରୁଣ, ବରୁଣ, ତରୁଣ, ୩ ପୁତ୍ରବଧୂ, ୪ ନାତି ଓ ନାତୁଣୀ ଉପସ୍ଥିତ ଥିଲେ। କମଲିବଜାର ରାଜଘାଟରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।



### ଧମା ଆରଆଇ ଅଫିସରେ ତାଲା

**ଧମା, ୨୬।୬ (ଡି.ଏନ.ଏ.)-** ମାନେଶ୍ୱର ବ୍ଲକ ଧମା ଆରଆଇ ଅଫିସରେ ୫ ଦିନ ହେଲା ତାଲା ଝୁଲୁଛି। ଏଣୁ ବିଭିନ୍ନ କାମରେ ଆସୁଥିବା ଲୋକେ ଫେରି ଯାଉଛନ୍ତି। କାର୍ଯ୍ୟାଳୟ ବାହାରେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ବୁଲାବୁଲି କରୁଥିଲେ ହେଁ ସେ ଲୋକମାନଙ୍କୁ ଅଫିସ କାହିଁକି ବନ୍ଦ ଅଛି ଓ କେବେ ଖୋଲିବ ସେ ନେଇ ସୂଚନା ଦେଇ ପାରୁ ନାହାନ୍ତି। ଏ ବାବଦରେ ତହସିଲଦାର ଦୁର୍ବାଦଳ ଦେହୁରୀଙ୍କୁ ପଚାରିବାରୁ ଆରଆଇମାନଙ୍କର ଏକ ତାଲିମ ଶିବିର ଚାଲିଛି । ଆସନ୍ତା ୨୮ ତାରିଖ ଏହା ଶେଷ ହେବା ମାତ୍ର କାର୍ଯ୍ୟାଳୟରେ ଜଣେ କର୍ମଚାରୀ ଖଜଣା କାର୍ଯ୍ୟ ପାଇଁ ରହିବାକୁ ନିର୍ଦ୍ଦେଶ ଅଛି । ଧମା କାର୍ଯ୍ୟାଳୟରେ କାହିଁକି ଏହାର ବ୍ୟତିକ୍ରମ ହୋଇଛି ତାହା ତଦନ୍ତ କରାଯିବ ବୋଲି କହିଛନ୍ତି।



### ଜେଲ ଗଲେ ଅଟକ ସହକାରୀ ଯନ୍ତ୍ରୀ

**ସମ୍ବଲପୁର,୨୬।୬ (ବ୍ୟୁରୋ)-** ସମ୍ବଲପୁର ଭିଜିଲାନ୍ସ ଜାଲରେ ପଡି ଅଟକ ଥିବା କ୍ଷୁଦ୍ର ଜଳସେଚନ ବିଭାଗ ସହକାରୀ ଯନ୍ତ୍ରୀ ଟଙ୍କଧର ମେହେର ବୁଧବାର ଜେଲ ଯାଇଛନ୍ତି । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ସେ ଗିରଫ ହେବା ପରେ ସମ୍ବଲପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର ହୋଇଥିଲେ। ହେଲେ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି । ଏ ନେଇ ୧୫/୧୯ରେ ଏକ ମାମଲା ରୁଜୁ ହୋଇଛି । ଟଙ୍କଧରଙ୍କ ନାମରେ ୯୧ ଲକ୍ଷ ୫୫ ହଜାର ୩୭୬ ଟଙ୍କାର ଆୟ ବହିର୍ଭୁତ ସମ୍ପତ୍ତି ଠାବ କରାଯାଇଛି । ଜୁନ ୧୨ ତାରିଖ ଟଙ୍କଧରଙ୍କ ବାସଗୃହ, ଅଫିସ, ଗାଁ ଘର ଆଦି ୫ଟି ସ୍ଥାନରେ ଭିଜିଲାନ୍ସ ଚଢାଉ କରିଥିଲା । ବିଭିନ୍ନ ସାମଗ୍ରୀ, ଜମି, ଘରକୁ ନେଇ ୧ କୋଟି ୧୪ ଲକ୍ଷ ୫୫ ହଜାର ଟଙ୍କା ସମ୍ପତ୍ତି ଥିବା ଜଣା ପଡିବା ପରେ ତଦନ୍ତ ଚାଲିଥିଲା।

### ଏକଡ଼ୋପଡ଼ାରେ ନିଶା ସେବନ ବିରୋଧ ଦିବସ

**ସମ୍ବଲପୁର, ୨୬।୬ (ବ୍ୟୁରୋ)-** ସିଦ୍ଧେଶ୍ୱର ବେର୍ଣ୍ଣା ଏକଡୋ ପଡାଠାରେ ବୁଧବାର ସଖୀ ପକ୍ଷରୁ ଅନ୍ତର୍ଜାତୀୟ ନିଶା ଦ୍ରବ୍ୟ ସେବନ ବିରୋଧ ଦିବସ ପାଳିତ ହୋଇଛି । ଅବସରପ୍ରାପ୍ତ ପୋଲିସ ଅଧିକାରୀ ଗୀତାରାଣୀ ପଣ୍ଡା, ସିଡବ୍ଲୁସି ସଭ୍ୟା ପିଷ୍ଟା ମହାପାତ୍ର ଅତିଥି ଭାବେ ଯୋଗଦେଇ ନିଶା ସେବନ ବାରଣକୁ ନେଇ ସଚେତନତା କରାଇଥିଲେ । ମୌସୁମୀ ଦୋରା, ସରିତା ପଣ୍ଡା, ଅନୁପମା ପାଢ଼ୀ, ଡିଲେଶ୍ୱରୀ ଦେବତା, ନିବେଦିତା ପ୍ରଧାନ, ଭାନୁପ୍ରିୟା ପାତ୍ର, ଜ୍ୟୋତିର୍ମୟୀ ପଣ୍ଡା, ଧରିତ୍ରୀ ମଲ୍ଲିକ, ଭାରତୀ ବାଗ ଓ ମାନସି ପ୍ରଧାନ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ନିଶାସକ୍ତ ବରକୁ ବେଦିରୁ ଫେରାଇ ଦେଇଥିବା ମମତା ଭୋଇ ସମ୍ବର୍ଦ୍ଧିତ

**ସମ୍ବଲପୁର,୨୭।୬ (ବ୍ୟୁରୋ)**

ସମ୍ବଲପୁର ଜିଲା ଯୁଯୁମୁରା ବ୍ଲକ ଗୋବର୍ଦ୍ଧନ ବଡମାଲ ଗ୍ରାମର ମମତା ଭୋଇଙ୍କୁ ଜିଲା ପ୍ରଶାସନ ପକ୍ଷରୁ ସମ୍ମାନିତ କରାଯାଇଛି। ବୁଧବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳନ ଅବସରରେ ଜିଲାପାଳ ଶୁଭମ ସକସେନା ମମତାଙ୍କୁ ସମ୍ମାନିତ କରିଛନ୍ତି। ମେ ୧୨ ତାରିଖ ମମତାଙ୍କ ବିବାହ ସ୍ଥିର ହୋଇଥିଲା। ହେଲେ ବରଯାତ୍ରୀ ଦଳ ସହ ବର ନିଜେ ନିଶାଦ୍ରବ୍ୟ ସେବନ କରି ଆସିଥିବାରୁ ବିବାହ ପାଇଁ ମମତା ମନା କରି ଦେଇଥିଲେ। ନିଶା ଦ୍ରବ୍ୟ ସେବନ କରୁଥିବା ଯୁବକଙ୍କୁ ସେ ଜୀବନ ସାଥି କରିବେ ନାହିଁ ବୋଲି ରୋକଠୋକ ମନା କରିଦେଇ ବେଦିରୁ ବରକୁ ଫେରାଇ ଦେଇଥିଲେ। ଫଳରେ ଶିଶୁପାଳ ହୋଇ ବର ଫେରି ଯାଇଥିଲେ। ତେଣୁ ମମତାଙ୍କ ଏହି ନିଷ୍ପତ୍ତି ସମାଜକୁ ନିଶାମୁକ୍ତ କରିବାରେ ଏବେ ପ୍ରେରଣାର ଉତ୍ସ ହୋଇଛି। ଜଣେ ଝିଅ ହୋଇ ସେ ନିଜ ବିବାହ ଭାଙ୍ଗି ଦେଇଥିଲେ । ତାଙ୍କର ଏହି ଦୃଢ ପଦକ୍ଷେପ ପାଇଁ ତାଙ୍କୁ ପ୍ରଶାସନ ସମ୍ମାନିତ କରିଛି। ମମତା ଏହି ଅବସରରେ କହିଛନ୍ତି ଯେ, ତାଙ୍କର ବିବାହ ପୁଣି ଥରେ ଜୁନ ୮ ତାରିଖକୁ ଅନ୍ୟ ଜଣେ ଯୁବକଙ୍କ ସହ ସ୍ଥିର ହୋଇଛି। ଯଦି ପୂର୍ବ ଯୁବକଙ୍କ ଭଳି ଏଥର ବି ଏହି ଯୁବକ ବରଯାତ୍ରୀ ସହ ନିଶା ଦ୍ରବ୍ୟ ସେବନ କରି ଆସିବେ ତେବେ ବି ମମତା କଠୋର ଓ ଅଟଳ ରହିବେ ନିଜ ନିଷ୍ପତ୍ତିରେ। ଏଥର ବି ଆବଶ୍ୟକ ହେଲେ ବିବାହ ପାଇଁ ମନା କରିବାକୁ ପଛାଇବେ ନାହିଁ। ଅବଶ୍ୟ ବିବାହ ପାଇଁ ମନା କରିଦେବାରୁ ସମାଜରେ ଅନେକ କଟୁ କଥା ଶୁଣିବାକୁ ପଡିଥିଲା । ବିବାହ ପାଇଁ ଟଙ୍କା ଖର୍ଚ୍ଚ ମଧ୍ୟ ହୋଇଥିଲା । ତଥାପି ସେ ସବୁକୁ ସେ ଖାତିର କରି ନ ଥିଲେ। ଏବେ ଭଗବାନଙ୍କ ଆଶୀର୍ବାଦରୁ ପୁଣି ଥରେ ବିବାହ ସ୍ଥିର ହୋଇଛି। ସୂଚନାଯୋଗ୍ୟ, କିସିଣ୍ଡା ଥାନା ଗିରିଶ୍ଚନ୍ଦ୍ରପୁ ଗ୍ରାମର ସୁରେନ୍ଦ୍ର ଭୋଇ ମମତାଙ୍କ ହାତ ଧରିବାକୁ ଆସିଥିଲେ। ହେଲେ କନ୍ୟା ଘରେ ପହଞ୍ଚିବା ପରେ ଅତ୍ୟଧିକ ନିଶା ହେତୁ ବେହୋସ ହୋଇ ତଳେ ପଡିଯାଇଥିଲେ। ଏହା ଦେଖି ମମତା ବିବାହ ପାଇଁ ମନା କରି ଦେଇଥିଲେ। ଏହା ପରେ ଦୁଇ ପକ୍ଷକୁ ନେଇ ବୈଠକ ବସିଥିଲା। ସମସ୍ତେ ମମତାଙ୍କୁ ମନିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଏଥିପାଇଁ ମମତା ଚର୍ଚ୍ଚାରେ ରହିଥିଲେ। ଜିଲା ପ୍ରଶାସନ ଗଣମାଧ୍ୟମରୁ ଏହା ଜାଣିବା ପରେ ମମତାଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସ୍ଥିର କରିଥିଲା।



ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ସମ୍ମାନିତ ହୋଇଥିବା ମମତା ଭୋଇ ।

## ନର୍ସରୀପଡ଼ାରେ ଚାଇଲ୍ଡ ଲାଇନର ଖୋଲାମଞ୍ଚ

**ବାମରା, ୨୬।୬ (ସ୍ୱ.ପ୍ର.)**

କୁଚିଣ୍ଡା ବ୍ଲକ ଅନ୍ତର୍ଗତ କୁଚିଣ୍ଡା ଏନଏସିର ୪ ନମ୍ବର ୱାର୍ଡ ନର୍ସରୀପଡାରେ ଚାଇଲ୍ଡ ଲାଇନ ତରଫରୁ ଖୋଲାମଞ୍ଚ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୁଚିଣ୍ଡା ଏନଏସିର କାଉନସିଲର ଗାୟତ୍ରୀ ସୁନାର ସଭାପତିତ୍ୱ କରିଥିଲେ । ଅତିଥି ଭାବରେ ମହିଳା ସ୍ୱାସ୍ଥ୍ୟକର୍ମୀ ଲଲିଖିରେନ ତିଗ୍ଗା, ଅଙ୍ଗନୱାଡି କର୍ମୀ ମିନା ବାଘ, ଚାଇଲ୍ଡଲାଇନ ନିର୍ଦ୍ଦେଶକ ପ୍ରଦୀପ କୁମାର ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଟିମ୍ ଲିଡର ତୃପ୍ତିମୟୀ ଦାଶ ଉପସ୍ଥାପନା କରିଥିଲେ । ଅଞ୍ଚଳର ଶିଶୁମାନଙ୍କ ବିଭିନ୍ନ ସମସ୍ୟା ଓ ପଡାର ସମସ୍ୟା କିପରି ସମାଧାନ କରାଯାଇ ପାରିବ ସେ ନେଇ ଖୋଲାଖୋଲି ଆଲୋଚନା କରାଯାଇଥିଲା । ପଡାର ଅଙ୍ଗନୱାଡି କେନ୍ଦ୍ରରେ ବିଦ୍ୟୁତକରଣ ଓ ପାଚେରୀ ନିର୍ମାଣ, ମିନି ଅଙ୍ଗନୱାଡି କେନ୍ଦ୍ରକୁ ଅଙ୍ଗନୱାଡି କେନ୍ଦ୍ରରେ ପରିବର୍ତ୍ତନ କରିବା ପାଇଁ ଅଙ୍ଗନୱାଡି କର୍ମୀ ମିନା ବାଘ ଜଣାଇଥିଲେ । ନର୍ସରୀ ପଡାର ତଳପଡାରେ ଷ୍ଟ୍ରିଟ ଲାଇଟ ଆବଶ୍ୟକ ବୋଲି ଲକ୍ଷ୍ମୀ ସେଠ ଜଣାଇଥିଲେ । ଆମ୍ବ ମଣ୍ଡପ ପଡାରେ ନଳକୂଅ, ତଳପଡାରେ ଗୋଟିଏ ନଳକୂଅ, ଚାଇଲ୍ଡ ଲାଇନ ପଛପଟ ବସ୍ତି ପଡାରେ ଗୋଟିଏ ନଳକୂଅ ଆବଶ୍ୟକ ବୋଲି ରୀନା ପ୍ରଧାନ ଓ ଲକ୍ଷ୍ମୀ ସେଠ ଜଣାଇଥିଲେ । ନର୍ସରୀ ପଡା ଡ୍ରେନ ନ ଥିବାରୁ ରାସ୍ତାରେ ପାଣି ଜମା ହେଉଛି । ନର୍ସରୀ ପଡାର ବନ୍ଧରେ ମଇଳା ପାଣି ପଶି ଯାଉଥିବାରୁ ବନ୍ଧରେ ଗାଧୋଇବା ପାଇଁ ସମସ୍ୟା ଉପୁଜୁଛି । ତେଣୁ ଡ୍ରେନ ତିଆରି କରାଯାଉ ବୋଲି ଅଙ୍ଗନୱାଡି କର୍ମୀ ମିନା ବାଘ ଜଣାଇଥିଲେ । ଏଥିପାଇଁ ପଦକ୍ଷେପ ନେବା ପାଇଁ ଚାଇଲ୍ଡ ଲାଇନ ଓ ଉପସ୍ଥିତ ପ୍ରତିନିଧିଙ୍କ ଦ୍ୱାରା ଏକ ପ୍ରସ୍ତାବ ଗୃହୀତ କରାଯାଇଥିଲା । ଏ ସମସ୍ତ ସମସ୍ୟା ସଂପୃକ୍ତ ବିଭାଗକୁ ଜଣାଇ ଏହାର ପ୍ରତିକାର କରାଯିବାକୁ ସ୍ଥିର କରା ଯାଇଛି।





ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟରେ ଅତିଥିମାନେ ଶପଥ ଗ୍ରହଣ କରୁଛନ୍ତି ।

## ନିଶାଦ୍ରବ୍ୟ ସମାଜକୁ କଳୁଷିତ କରୁଛି

**ସମ୍ବଲପୁର,୨୭।୬ (ବ୍ୟୁରୋ)**

ନିଶା ଦ୍ରବ୍ୟ ସେବନ କରିବା ଫଳରେ ସମାଜରେ ବିଭିନ୍ନ ଅପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି । ପାରବାରିକ ଗଣ୍ଡଗୋଳ ହୋଇ ନିଜ ନିଜ ଭିତରେ ସମ୍ପର୍କ ଖରାପ ହେଉଛି । ଏହା ସମାଜକୁ କଳୁଷିତ କରିବାର ମୁଖ୍ୟ କାରଣ । ତେଣୁ ପରିବାରରୁ ଏ ଦିଗରେ ସଚେତନ ଆବଶ୍ୟକ । ବିଶେଷ କରି ଯୁବ ପିଢିକୁ ପରାମର୍ଶ ଦେଇ ନିଶା ସେବନରୁ ମନା କରିବା ଉଚିତ । ଏହା ସହ ଅବାଧରେ ବିକ୍ରି ହେଉଥିବା ନିଶା ଦ୍ରବ୍ୟ ଉପରେ ରୋକ ଲଗାଇବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତପସ୍ୱିନୀ ପ୍ରେକ୍ଷାଳୟରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ସେବନ ଓ ଅବୈଧ ଚାଲାଣ ବିରୋଧ ଦିବସ ପାଳନ ଅବସରରେ ଅତିଥିମାନେ ଏହି ମତ ରଖିଛନ୍ତି। ଜିଲା ଅବକାରୀ, ସାମାଜିକ ସୁରକ୍ଷା ଓ ସଶକ୍ତକରଣ ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲାପାଳ ଶୁଭମ ସକସେନା, ସମ୍ମାନୀୟ ଅତିଥି ଭାବେ ଏସ୍‌ପି ସଞ୍ଜୀବ ଅରୋରା, ଏଡିଏମ ଅଜୟ କୁମାର ଜେନା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପଙ୍କଜିନୀ ପଣ୍ଡା, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦିଲିପଚନ୍ଦ୍ର ସମାନ୍ତ ରାୟ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ରାଧେଶ୍ୟାମ ପଣ୍ଡାଙ୍କ ଟିମ୍ ସଚେତନଧର୍ମୀ ପାଲା ପରିବେଷଣ କରିଥିଲେ। ଅତିଥି ଓ ଉପସ୍ଥିତ ଜନସାଧାରଣ ଶପଥ ଗ୍ରହଣ କରିଥିଲେ । ଏହି ଅବସରରରେ ସକାଳେ ସ୍କୁଲ ଛାତ୍ରୀଛାତ୍ର, ସମାଜିକ ଅନୁଷ୍ଠାନ କର୍ମକର୍ତ୍ତା, ଆଶା ଓ ଅଙ୍ଗନୱାଡି କର୍ମୀ, ଜିଲା ପ୍ରଶାସନର ଅଧିକାରୀ ଓ କର୍ମଚାରୀ ସଚେତନତା ରାଲିରେ ବାହାରି ଥିଲେ ।

## ଚାରା ଲଗାଇ ସୁରକ୍ଷା ପାଇଁ ଶପଥ ନେଲେ

**ସମ୍ବଲପୁର, ୨୬।୬ (ବ୍ୟୁରୋ)**

ପଧାନପାଲିସ୍ଥିତ ଓଏସଏପି ପ୍ରଥମ ସ୍ୱତନ୍ତ୍ର ସୁରକ୍ଷା ବାହିନୀ ଦୁର୍ଗ ପରିସରରେ ବୁଧବାର ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗପତି ବିଷ୍ଣୁପଦ ଦାସଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା । ଏଥିରେ ସହକାରୀ ଦୁର୍ଗପତି ଅରୁଣ ବେହେରା, ସୁବେଦାର ସାଗର ଟପ୍ପୋ, ସୁଶାନ୍ତ କୁମାର ଦାଶ, ଡେପୁଟି ସୁବେଦାର ସତ୍ୟନାରାୟଣ ବିଦ୍ଧାଣୀ ସହଯୋଗ କରିଥିଲେ । ଅନ୍ୟ କର୍ମଚାରୀ ଓ ଯବାନମାନେ ଯୋଗଦେଇ ଚାରା ରୋପଣ କରିଥିଲେ । ତେବେ ଗଛଗୁଡିକର ସୁରକ୍ଷା ପ୍ରତି ଯତ୍ନବାନ ହେବାକୁ ସମସ୍ତେ ଶପଥ ଗ୍ରହଣ କରିଥିଲେ ।





ବୁଧବାର ସମ୍ବଲପୁର ପଧାନପାଲିସ୍ଥିତ ଓଏସଏପି ପ୍ରଥମ ସ୍ୱତନ୍ତ୍ର ବାହିନୀ ଦୁର୍ଗ ପରିସରରେ ଚାରା ରୋପଣ କରାଯାଉଛି ।

## ଫଟୋରେ ଖବର





ବୁଧବାର ସମ୍ବଲପୁରରେ ରାଧେଶ୍ୟାମ ପଣ୍ଡା ଓ ସାଥୀ ନିଶାଦ୍ରବ୍ୟ ସେବନ ବିରୋଧ ନେଇ ସଚେତନତାମୂଳକ ପାଲା ପରିବେଷଣ କରୁଛନ୍ତି ।





ବୁଧବାର ସମ୍ବଲପୁରରେ ବିଶ୍ୱ ନିଶାଦ୍ରବ୍ୟ ସେବନ ବିରୋଧ ଦିବସ ଅବସରରେ ସଚେତନତା ରାଲି ବାହାରିଛି।

ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା:୧୬ Press Regd. No.ORIORI/2005/14845 Postal Regd. No. BN/42/18-20. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁନ୍ ୨୭/୨୦୧୯ Sambalpur, Thursday, June 27 / 2019

■ରାସ୍ତା ତରାର ଜୀବନ୍

# ନାଗରିକ୍‌ର ପରିଚଏ ଖୁଜୁଛେ ବାରବୁଲା ପରିବାର

**ସୁଦନ ମହାକୁର**
**ଗଣ୍ଡତୁରୁମ୍, ୨୬।୬ (ଡି.ଏନ୍.ଏ.)**

ମୁନୁଷ୍ ବଁଚ୍‌ବାକେ ହେଲେ ଖାଏଦ୍, କପଡ଼ା, ଘର ଖଁଡ଼େ ନିହାତି ଦରକାର। ଇଥିରଲାଗି ସରକାର ଗରିବ୍ ଦୁଖିକର ଲାଗି ଅନେକ୍ ଯୋଜନା କାଯ୍‌କାରୀ କରୁଛନ୍। ହେଲେ ଆମର ସମାଜରେ ଆଏଜ୍ ବି ଏନ୍‌ତା ଲୋକ ଅଛନ୍ ଯେନ୍‌ମାନକର ଲାଗି ଖୁଲା ଆକାଶ ହେଉଛେ ଛାତ୍ ଆର ପୁରଥି ତାକର ଘର। ନିଜର ପରିଚଏ ବଲି କିଛି ନାଇଁ। ଯେନ୍ ଜାଗାରେ ଡେରା ପକାଲେ ସେଟା ତାକର ଘର। ନା ଅଛେ ଭୋଟ ପରିଚଏ ପତର କି ଆଧାର କାର୍ଡ। ସରକାର କହେଲେ କାଣା, ଲୁକ୍‌କର ଲାଗି କାଣା ସୁବିଧା କରୁଛେ ସେଟା ବି ତାକର ଚିନ୍‌ତା ବାହାରେ। ଏନ୍‌ତା ଗୁଟେ ପରିବାର ସଂଗେ ଭେଟଘାଟ ହେଇ ଦୁଖସୁଖ୍ ହେଇଥିଲେ ଥାନୀୟ ଧରିତ୍ରୀ ପରତିନିଧି।

ସୂଚନା ଅନ୍‌ସାରେ ଗୋଡ଼ଭଗା-ସୋନପୁର ୫୪ ନମ୍ବର ରାଏଜ୍ ରାଜପଥର କେଶ୍ରୀପାଲି ଗାଁର ରାସ୍‌ତା ତରେ ଥିବାର ବରଗଛ୍ ତଲେ ଗୁଟେ ବାରବୁଲା ପରିବାର ଡେରା ପକେଇଥିବାର ଦେଖ୍‌ବାକେ ମିଲିଥିଲା। ସେଠାନେ ଘଡ଼େ ଅଟକି ତାକରନେ ଦୁଖ୍‌ସୁଖ୍ ହେଲାରୁ ଜନାପଡ଼ଲା ଯେ ଘରର ପରିବାରର ମୁଖିଆ ହେଉଛନ୍ ମହାବୀର ମାଝି ଆର ତାକର ମାଏକିନା ଅଞ୍ଜଳୀ। ଦୁଇ ଝି’ ଉର୍ମିଳା(୧୧), ମାନିନୀ(୮) ଆର ଦୁଇ ପୁଓ କାହ୍ନା(୬), ବଜରଙ୍ଗୀ(୩)କେ ନେଇ ତାକର ପରିବାର। କୁଟୁମ୍‌ଟା ଯେନ୍‌ଠାନେ ଡେରା ପକଉଛନ୍ ଆସର ପାସର ଗଛ୍‌ମାନକେ ଥିବାର ମୁହୁଗୁଡ଼ା ଝାରି ମହୁ ଠୁଲଉଛନ୍। ମହାବୀର ଆସର ପାସର ଗାଁଗଁଡ଼ା, ବଜାରରେ ମହୁ ବିକି ଯେନ୍ ଦୁଇପଏସା କମଉଛନ୍ ସେଥିରେ ପରିବାର ଚଲୁଛେ। ଯେନ୍‌ଦିନ ବିକ୍‌ରିବଟା ହେଲା ଭଲ ନାଇଁହେଲେ ଛୁଆପୁତାନୁ ଉପାସେ ରହୁଥିବାର ମହାବୀର କହିଛନ୍। ତାକର ଥାୟୀ ଘର, ଗାଁ ବଲି କିଛି ନାଇଁ। ପରିବାର ଲାଗି ଖୁଲା ଆକାଶ ହେଉଛେ ଛାତ୍ ଆର ପୁରଥି ଘର। ଏନ୍‌ତାକି ମହାବୀରକୁଁ ତାକର ଜନମ୍‌ଠାନ୍ ପଚରାଲେ ବି ସଠିକ୍ କିଛି କହି ନାଇଁ ପାରବାର। ସଁସାରରେ ନିଜର ବଲି ତାକର କିଛି ନାଇଁ। ସେ ନିଜକେ ଓଡ଼ିଶାର ବଲି କହୁଥିଲେ ବି ତାକରନେ ଭୋଟ ପରିଚଏ ପତର, ଆଧାର କାର୍ଡ ନାଁଇଁନ। ସରକାରକଁର କେହେନ୍‌ସି ଯୋଜନାର ଛିଟା ବି ତାକର ପରିବାର ଉପରେ ନାଇଁ ପଡ଼ିପାରି। ସବୁଠାନୁ ଆଶିରିଯ୍‌ର କଥା ପରିବାରଟା ଦେଶର ନାଗରିକ୍ ହେଇ ବି ଆଏଜ୍‌ତକ ମତଦାନରୁ ବଁଚିତ୍ ହେଇ ରହିଛନ୍। ସେନ୍‌ତା ସରକାର ରାଶନ କାର୍ଡରେ ଯୁଗେଇ ଦେଉଥିବାର ଚାଉଲ, ଗହମ୍, କିରାସିନ୍, ବସୁନ୍ଧରା ଯୋଜନାରେ ଘରଡ଼ିହ, ପକାଘର ସତେ ଯେନ୍‌ତା ଇମାନକର ଲାଗି ସାତ୍‌ସପନ ହେଇଛେ। ଇଆଡ଼େ ଉଭଏ କେନ୍ଦ୍ର ଆର ରାଏଜ୍ ସରକାର ‘ସଭେ ପଢୁନ୍ ସଭେ ବଢୁନ୍’ ନାରା ଦେଇ ସ୍କୁଲ ଛୁଆକର ଲାଗି ପଢ଼ାବହି, ବେଲାକେ ଖାଏବାରଟା, ୟୁନିଫର୍ମ, ସାଇକେଲ ଆଦି ଯୁଗେଇ ଦେଉଛନ୍। ହେଲେ, ସତେ ଯେନ୍‌ତା ଇ ସରକାରୀ ବିଧିବେବସ୍‌ତା ଭିତରେ ମହାବୀରକଁର ଛୁଆପୁତା ନାଇଁ ଆଏବାର। ମହାବୀରକୁଁ ସରକାରୀ ସୁବିଧା ସୁଯୋଗ ବାବ୍‌ଦେ ପଚରାଲାରୁ ସରକାର ଯଦି ମୋତେ କେନ୍‌ଠାନେ ଜାଗାବାଡ଼ି, ଘର ଖଁଡ଼େ ଦେବା ତ ମୁଇଁ କାଏଁଯେ ଇ ଗଛ୍‌ତଲ ସେ ଗଛ୍‌ତଲ ହେଇ କୁଟୁମ୍‌କେ ଖରା, ବରଷା, ଶୀତ୍ କାକରରେ ଦଉଡ଼ାମି ଆଜ୍ଞା। ମୁଇଁ ବି ଦେଶର ନାଗରିକ୍ ଆଏ ହେଲେ ମୋର ପାଏସେ ତାର କିଛି ପରମାନ ନାଇଁ ଆଜ୍ଞା ବଲି କହିଥିଲେ।



ମହାବୀରକଁର ପରିବାର ଡେରା ପାସେ ବସିଛନ୍।

■ବରିଷ୍ଠ ବାବୁଙ୍କୁ ଜେଏସ୍‌ଏ ଦାୟିତ୍ୱ

# ୨୨୫ ଜଳକ୍ଳିଷ୍ଟ ଜିଲା କେନ୍ଦ୍ରୀୟ ପ୍ରଭାରୀ ନିଯୁକ୍ତ

**ନୂଆଦିଲ୍ଲୀ,୨୬।୬(ପି.ଟି.)**

କେତେଜଣ ଅତିରିକ୍ତ ଓ ଯୁଗ୍ମ ସଚିବଙ୍କ ସମେତ ୨୨୫ ବରିଷ୍ଠ ଅଧିକାରୀଙ୍କୁ ଜଳାଭାବ ଦେଖାଦେଉଥିବା ଜିଲାଗୁଡ଼ିକର ଇନ୍-ଚାର୍ଜ (ପ୍ରଭାରୀ) ଭାବେ କେନ୍ଦ୍ର ସରକାର ନିଯୁକ୍ତି ଦେଇଛନ୍ତି। ଦେଶର ଜଳକ୍ଳିଷ୍ଟ ଜିଲାଗୁଡ଼ିକରେ ପ୍ରାକୃତିକ ସମ୍ବଳର ସଂରକ୍ଷଣ ପାଇଁ ସେମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଦେଶର ୩୬ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଅଧୀନ ୨୨୫ ଜିଲାକୁ ଜଳକ୍ଳିଷ୍ଟ ଜିଲା ଭାବେ ଚିହ୍ନଟ କରାଯାଇଛି। ଏହି ଜିଲାଗୁଡ଼ିକର ୧,୫୯୩ ବ୍ଲକ୍‌ରେ ଜଳାଭାବ ରହିଥିବାବେଳେ ସେଥିରୁ ୩୧୩ଟିରେ ସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ରହିଛି। ଏହି ସମସ୍ୟା ଦୂର କରିବା ପାଇଁ କେନ୍ଦ୍ର ସରକାର ଜୁଲାଇ ୧ରେ ଜଳଶକ୍ତି ଅଭିଯାନ (ଜେଏସ୍‌ଏ) ଆରମ୍ଭ କରିବାକୁ ଯାଉଛନ୍ତି। ଦେଶର ୨୨୫ ଜଳକ୍ଳିଷ୍ଟ ଜିଲାରେ ଏହାର ସଂଯୋଜନା କରିବା ଲାଗି ସରକାର କେନ୍ଦ୍ରୀୟ ପ୍ରଭାରୀ ଭାବେ ବରିଷ୍ଠ ଅଧିକାରୀମାନଙ୍କୁ ନିଯୁକ୍ତି ପ୍ରଦାନ କରିଥିବା ନେଇ ବୁଧବାର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତିରେ କୁହାଯାଇଛି। ଏହି ନବନିଯୁକ୍ତ ଅଧିକାରୀମାନେ କେନ୍ଦ୍ର ସରକାରଙ୍କ ଅଫିସରମାନଙ୍କୁ ନେଇ ଗଠିତ ଏକ ଟିମ୍‌ରେ ସାମିଲ ହେବେ। ଉକ୍ତ ଟିମ୍‌ରେ ନିର୍ଦ୍ଦେଶକ କିମ୍ବା ଉପସଚିବ ସ୍ତର ଅଧିକାରୀ, ଭୂତଳ ଜଳ ବିଜ୍ଞାନୀ ଓ ଯନ୍ତ୍ରୀ ସାମିଲ ହେବେ। ସେହିପରି ରାଜ୍ୟ ଓ ଜିଲା ସ୍ତରରେ ମଧ ଟିମ୍ ଗଠନ କରାଯିବ। ଏହି ଟିମ୍‌ଗୁଡ଼ିକ ଚିହ୍ନଟ କରାଯାଇଥିବା ବ୍ଲକ୍ ଓ ଜିଲାଗୁଡ଼ିକୁ ପରିଦର୍ଶନ କରି ଜଳାଭାବ ଦୂର ଲାଗି ଯୋଜନାର ରୂପାୟନକୁ ସଂଯୋଜନା କରିବେ। ଜେଏସ୍‌ଏ ଜୁଲାଇ ୧ରୁ ସେପ୍ଟେମ୍ବର ୧୫ ମଧରେ କାର୍ଯ୍ୟ କରିବ ଓ କେତେକ ନିର୍ଦ୍ଦିଷ୍ଟ ରାଜ୍ୟରେ ନଭେମ୍ବର ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ହେବ। ନିଯୁକ୍ତି ପାଇଥିବା ଅଧିକାରୀମାନେ ଏକ ନିର୍ଦ୍ଦିଷ୍ଟ ପୋର୍ଟାଲରେ ସେମାନଙ୍କ ରିପୋର୍ଟ ଦାଖଲ କରିବେ।

■ଦଳିତଙ୍କ ଘର ଭାଙ୍ଗି ତଡିଦେବା ଘଟଣା

# ଗିରଫ ଭୟରେ ଗାଁ ପୁରୁଷଶୂନ୍ୟ

**ମନମୁଣ୍ଡା, ୨୬।୬ (ଡି.ଏନ.ଏ)**

ବୌଦ୍ଧ ଜିଲା ସାନମନମୁଣ୍ଡାର ଏକ ଦଳିତ ପରିବାରର ଘରକୁ ଗ୍ରାମବାସୀ ଭାଙ୍ଗିଦେଇ ସେମାନଙ୍କୁ ଗ୍ରାମରୁ ତଡି ଦେବା ଘଟଣା ଏବେ ଭିନ୍ନ ମୋଡ ନେଇଛି। ଏ ନେଇ ଅଭିଯୋଗ ହେବା ପରେ ଗିରଫ ଭୟରେ ଗାଁ ଏକରକମ ପୁରୁଷଶୂନ୍ୟ ହୋଇପଡିଛି । ଗାଁରେ କାଁ ଭାଁ ଛୋଟ ପିଲା ଓ କେତେକ ବୃଦ୍ଧାବୃଦ୍ଧ ଥିବାବେଳେ ଏକ ପ୍ଲାଟୁନ ରିଜର୍ଭ ଫୋର୍ସ ମୁତୟନ ହୋଇଛନ୍ତି । ଗ୍ରାମରେ ଏକପ୍ରକାର କର୍ଫ୍ୟୁର ଭ୍ରମ ସୃଷ୍ଟି ହୋଇଛି । ଅନ୍ୟପକ୍ଷେ ଉକ୍ତ ଦଳିତ ପରିବାରକୁ ପୋଲିସ ସୁରକ୍ଷା ଯୋଗାଇ ଦେଇଛି ।

ସୂଚନା ଅନୁସାରେ, ଏହି ଦଳିତ ପରିବାର ଏକ ସରକାରୀ ପ୍ଲଟରେ ଆଜିକୁ ପ୍ରାୟ ୩୫ ବର୍ଷ ହେବ ବସବାସ କରିଆସୁଛନ୍ତି । ତେବେ ଉକ୍ତ ପ୍ଲଟରେ ଗ୍ରାମବାସୀ ନାମଯଜ୍ଞ କୁଞ୍ଜଘର କରିବା ପାଇଁ ସରକାରୀ ଅନୁଦାନ ଆଣିଥିଲେ ଏବଂ ଉକ୍ତ ଜାଗା ଖାଲି କରିବାକୁ ପରିବାର ଲୋକଙ୍କୁ କହିଥିଲେ । ସେମାନେ ମନା କରିବାରୁ ଗ୍ରାମବାସୀ ସେମାନଙ୍କୁ ଗାଁରେ ଏକଘରିଆ କରି ରଖିଥିଲେ । ଏ ନେଇ ଅନେକବାର ଗଣ୍ଡଗୋଳ ହୋଇ ମାମଲା ଥାନା ଯାଏ ଯାଇଥିଲା । ମଙ୍ଗଳବାର ରାତିରେ ଗ୍ରାମବାସୀ ସେମାନଙ୍କ ଘରକୁ ଭାଙ୍ଗି ଦେବା ସହ ପରିବାର ଲୋକଙ୍କୁ ଆକ୍ରମଣ କରିଥିଲେ । ଫଳରେ ଉକ୍ତ ପରିବାର ଲୋକେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ । ପୋଲିସ ବୁଧବାର ମଧାହ୍ନରେ ଉକ୍ତ ପରିବାର ଲୋକଙ୍କୁ ଧରି ଗାଁରେ ପହଞ୍ଚିବା ପରେ ଗିରଫ ଭୟରେ ଗାଁ ପୁରୁଷଶୂନ୍ୟ ହୋଇପଡିଛି। ଅନ୍ୟପକ୍ଷେ ଉମେଶଙ୍କ ପରିବାର ଲୋକେ ଗ୍ରାମର ଜଣେ ବ୍ୟକ୍ତିଙ୍କୁ ମାଡମାରିଥିବା ଅଭିଯୋଗ ହୋଇଛି । ପୋଲିସ ଉଭୟ ପକ୍ଷଙ୍କ ଏତଲାକୁ ଭିତ୍ତିକରି ମାମଲା ରୁଜୁ କରିବା ସହ ତଦନ୍ତ ଚଳାଇଛି ।



ଆକ୍ରମଣର ଶିକାର ହୋଇଥିବା ଦଳିତ ପରିବାର ।

# କୋଟିପତି ଯନ୍ତ୍ରୀ ଗିରଫ

## ଠାବ ହୋଇଥିଲା ଆୟ ବହିର୍ଭୂତ ସମ୍ପତ୍ତି

**କଟକ ଅଫିସ, ୨୬।୬**

ବରଗଡ଼ ଜଳସମ୍ପଦ ଡିଭିଜନର ସହକାରୀ ଯନ୍ତ୍ରୀ ଟଙ୍କଧର ମେହେରଙ୍କୁ ବୁଧବାର ଭିଜିଲାନ୍ସ ଗିରଫ କରିଛି। ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଗତ ୧୨ ତାରିଖରେ ଭିଜିଲାନ୍ସ ପକ୍ଷରୁ ସହକାରୀ ଯନ୍ତ୍ରୀ ମେହେରଙ୍କ ଘର, ଅଫିସ ସମେତ ୫ଟି ସ୍ଥାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚରୁ ମୋଟ୍ ୧ କୋଟି ୧୦ ଲକ୍ଷ ୪୭ହଜାର ୨୧୮ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଥିଲା। ଏ ନେଇ ସମ୍ବଲପୁର ଭିଜିଲାନ୍ସ ଥାନାରେ ଏକ ମାମଲା (ନଂ.୧୫/୨୦୧୯) ମାମଲା ରୁଜୁ ହୋଇଛି।

ଚିକିତ୍ସାରେ ଅବହେଳା ଯୋଗୁ ରୋଗୀଙ୍କ ମୃତ୍ୟୁ ଅଭିଯୋଗ

# ଜିଲା ମୁଖ୍ୟ ଡାକ୍ତରଖାନାରେ ଉତ୍ତେଜନା

**ବରଗଡ଼ ଅଫିସ୍,୨୬।୬**

ବରଗଡ଼ ଜିଲା ମୁଖ୍ୟ ଡାକ୍ତରଖାନାରେ ବୁଧବାର ରାତ୍ରିରେ ଜଣେ ରୋଗୀଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା ପ୍ରକାଶ ପାଇଛି । ଉତ୍ତେଜନାକୁ ଆଖି ଆଗରେ ରଖି ସେଠାରେ ପୋଲିସ ମୁତୟନ ହୋଇଛି । ସୂଚନା ଅନୁଯାୟୀ, ବରଗଡ଼ ପୌର ପରିଷଦ ଅଧୀନ ବେହେରାଟିକ୍ରା ନିବାସୀ ଚୈତନ୍ୟ ବେହେରା ଅସୁସ୍ଥ ହୋଇ ପଡ଼ିଥିଲେ। ଫଳରେ ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ମାତ୍ର ଡାକ୍ତର ଠିକ୍ ଭାବେ ତାଙ୍କ ଚିକତ୍ସା ନ କରିବାରୁ ତାଙ୍କର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ଏଭଳି ଅଭିଯୋଗ କରି ସ୍ଥାନୀୟ ଲୋକେ ଡାକ୍ତରଖାନାକୁ ଯାଇ ଚିକିତ୍ସାରେ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ ନାରାବାଜି କରିଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳକୁ ପହଞ୍ଚି ଉତ୍ୟକ୍ତ ଲୋକମାନଙ୍କୁ ବୁଝାସୁଝା କରିଛି । ଖବର ଲେଖାହେବା ସୁଦ୍ଧା (ରାତ୍ରି ୧୦ଟା) ଡାକ୍ତରଖାନାରେ ଉତ୍ତେଜନା ଲାଗି ରହିଛି ।

# ଭୁବନେଶ୍ୱରରୁ ଟିମନଙ୍କ ସମେତ ୪ ଗିରଫ

**ବଲାଙ୍ଗୀର ଅଫିସ, ୨୬।୬**



ଗିରଫ ଟିମନ୍ କୁମ୍ଭାର ସହ ଅନ୍ୟ ୩ ସହଯୋଗୀ।

■୫ ମୋବାଇଲ ଫୋନ୍ ଜବତ
■ଅପହରଣ ମାମଲାରେ ଛନ୍ଦି ହୋଇଥିଲେ

ଫେରାର ଦୁର୍ଦ୍ଦାନ୍ତ ଜମି ମାଫିଆ ଟିମନ୍ ଓରଫ ଶ୍ରୀକାନ୍ତ କୁମ୍ଭାର(୪୨) ଏବଂ ଅନ୍ୟ ୩ ସହଯୋଗୀଙ୍କୁ ବଲାଙ୍ଗୀରର ସ୍ୱତନ୍ତ୍ର ପୋଲିସ ଟିମ୍ ଭୁବନେଶ୍ୱର ପଟିଆ ଅଞ୍ଚଳରୁ ଗିରଫ କରିଛି। ଟିମନ୍‌ଙ୍କ ୩ ସହଯୋଗୀ ହେଲେ ଗନ୍ଧରେଲ ଗାଁର ଧର୍ମେନ୍ଦ୍ର ଜାଲ(୨୯), ତାଲପାଲିପଡାର ତ୍ରିନାଥ ସାଗର(୫୩) ଓ ରୁଗୁଡିପଡ଼ାର ଅନିରୁଦ୍ଧ ଦଲବେହେରା(୬୨)। ପୋଲିସ ସେମାନଙ୍କଠାରୁ ୫ଟି ମୋବାଇଲ ଫୋନ ଜବତ କରିଥିବା ବଲାଙ୍ଗୀର ସଦର ଏସ୍‌ଡିପିଓ ଶ୍ରୀମନ୍ତ ବାରିକ ଏକ ଖବରଦାତା ସମ୍ମିଳନୀରେ ବୁଧବାର ସୂଚନା ଦେଇଛନ୍ତି।

ଗତ ୧୪ ତାରିଖରେ ଟିମନ୍ ତାଙ୍କ ସହଯୋଗୀ ଦିଲୀପ କୁମ୍ଭାର, ଡାନିଏଲ କୁମ୍ଭାର ଓ ଅନ୍ୟମାନେ ସଦର ଥାନା ଅନ୍ତର୍ଗତ ବାରପୁଡୁଗିଆ ଛକଠାରେ ସାଇକେଲ ଦୋକାନ ଦେଇଥିବା ଖୁଣ୍ଟପାଲି ଗ୍ରାମର ଦୁଇଭାଇ ପର୍ଶୁରାମ ପଟେଲ ଓ ଘନଶ୍ୟାମ ପଟେଲଙ୍କୁ ଅପହରଣ କରି ନିସ୍ତୁକ ମାଡ ମାରିଥିଲେ । ଏନେଇ ପର୍ଶୁରାମ ସଦର ଥାନାରେ ଅଭିଯୋଗ କରିଥିଲେ । ପୋଲିସ ସେହି ଅଭିଯୋଗକୁ ଭିତ୍ତିକରି ଏକ ମାମଲା (ନଂ.୧୨୫/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଗତ ୧୭ ତାରିଖରେ ଟିମନ୍‌ଙ୍କ ମୁଖ୍ୟ ସହଯୋଗୀ ଦିଲୀପ କୁମ୍ଭାର(୪୫)ଙ୍କୁ ପୋଲିସ ଗିରଫ କରିଥିଲା । ଅନ୍ୟମାନେ ଫେରାର ହୋଇଯାଇଥିବାରୁ ଧରାପଡି ନ ଥିଲେ । ବଲାଙ୍ଗୀର ସହର ଉପକଣ୍ଠ ଧୂମାମରାଠାରେ ଅଭିଯୋଗକାରୀ ପର୍ଶୁରାମଙ୍କ ମା’ଙ୍କ ପୈତୃକ ୧୧ ଏକର ଜମି ରହିଛି । ଏହି ଜମି ଉପରେ ଅଭିଯୁକ୍ତ ଟିମନ୍ କୁମ୍ଭାରଙ୍କ ଆଖି ପଡିଥିଲା। ସେହି ଜମି କିଣିବାକୁ ଚାହୁଁଥିବା ଟିମନ୍‌କୁ ଦୁଇଭାଇ ପର୍ଶୁରାମ ଓ ଘନଶ୍ୟାମ ବିରୋଧ କରିଥିଲେ। ଜମି ଭାଗବଣ୍ଟା ହେଲା ପରେ ତାହା ବିକ୍ରି ହୋଇପାରିବ ବୋଲି ସେମାନେ କହିବା ପରେ ଗତ ୧୪ ତାରିଖରେ ଟିମନ୍ ତାଙ୍କ ସହଯୋଗୀଙ୍କ ସହ ଏକ ଗାଡି (ନଂ.ଓଡି୧୭୯୦୨୮)ରେ ବାରପୁଡୁଗିଆ ଛକରେ ପହଞ୍ଚିଥିଲେ। ପରେ ଟିମନ ସାଇକେଲ ଦୋକାନକୁ ଯାଇ ଦୁଇଭାଇ ପର୍ଶୁରାମ ଓ ଘନଶ୍ୟାମଙ୍କୁ ଅପହରଣ କରିନେଇଥିଲେ। ପରେ ଦୁଇଭାଇଙ୍କୁ ପଥରଚେପା ଘାଟି ନିକଟ ଜଙ୍ଗଲ ଭିତରକୁ ନେଇ ଏକ ଷ୍ଟାମ୍ପ ପେପରରେ ଦସ୍ତଖତ କରିବାକୁ ଧମକ ଦେଇଥିଲେ। ହେଲେ ସେମାନେ ଦସ୍ତଖତ କରିବାକୁ ମନାକରି ଦେଇଥିଲେ। ଫଳରେ ଟିମନ ଓ ତାଙ୍କ ସହଯୋଗୀ ଦୁଇଭାଇଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ଏନେଇ ପର୍ଶୁରାମ ସଦର ଥାନାରେ ଏକ ଅଭିଯୋଗ କରିଥିଲେ । ଟିମନ୍ ଫେରାର ପରେ ପୋଲିସ ଉପରେ ଚାପ ବଢ଼ିଥିଲା। କଂଗ୍ରେସ ପକ୍ଷରୁ ଅପରାଧୀଙ୍କ ସହ ପୋଲିସର ଭିତିରି ସମ୍ପର୍କ ଥିବା ନେଇ ଅଭିଯୋଗ ହୋଇଥିଲା। ସଦର ଥାନା ଅଧିକାରୀ ଯୋଗେଶ୍ୱର ପଣ୍ଡାଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଟିମନଙ୍କୁ ଗିରଫ କରିବାକୁ ତନାଘନା ଚଳାଇଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ମଙ୍ଗଳବାର ରାତିରେ ପୋଲିସର ସ୍ୱତନ୍ତ୍ର ଟିମ୍ ଭୁବନେଶ୍ୱର ପଟିଆସ୍ଥିତ ଏକ ଭଡାଘରେ ଚଢ଼ାଉ କରି ଟିମନ୍ ଓ ତାଙ୍କ ୩ ସହଯୋଗୀଙ୍କୁ ଗିରଫ କରିଥିଲା। ବୁଧବାର ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଛି । ଗିରଫ ଟିମନ ବିରୋଧରେ ଟାଉନ୍ ଓ ସଦର ଥାନାରେ ୨୦ରୁ ଊର୍ଦ୍ଧ୍ୱ ମାମଲା ରହିଛି।







Printed and Published by Tathagata Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ



ଅଜ୍ଞକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ୍ୟ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ

## ସଂକ୍ଷେପରେ

### ବିଶ୍ୱ ନିଶା ମୁକ୍ତି ଅଭିଯାନ

**ପଦ୍ମପୁର, ୨୬।୬ (ଡି.ଏନ.ଏ):** ପଦ୍ମପୁର ଉପଖଣ୍ଡ ଜଗଦଲପୁରଠାରେ ଥିବା ଇ/୧୮୯ ବାଟାଲିୟନ କେନ୍ଦ୍ରୀୟ ରିଜର୍ଭ ପୋଲିସ ଫୋର୍ସ (ସିଆରପିଏଫ) ଆନୁକୂଲ୍ୟରେ ବୁଧବାର ବିଶ୍ୱ ନିଶା ମୁକ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ରାକେଶ କୁମାରଙ୍କ ତତ୍ତ୍ୱାବଧାନରେ ସିଆରପିଏଫ ଯବାନ, ଜଗଦଲପୁର ପୋଲିସ ଓ ଜନସାଧାରଣଙ୍କ ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା । ନିଶା ମୁକ୍ତ ଓଡିଶା ଗଠନ ପାଇଁ ବିଭିନ୍ନ ସ୍ଲୋଗାନ ଓ ବ୍ୟାନର ଧରି ସଚେତନତା ସୃଷ୍ଟି କରାଯାଇଥିଲା । ସିଆରପିଏଫ ଯବାନଙ୍କ ପ୍ରତିନିଧି ଆର. କେ ଲେଙ୍କା ଓ ପୋଲିସ ଏଏସଆଇ ଶଙ୍କରଲାଲ ମିର୍ଦ୍ଧା ଶୋଭାଯାତ୍ରାରେ ସାମିଲ ହୋଇଥିଲେ ।

### ତୁଲଣ୍ଡିରୁ ଅଜଗର ସାପ ଉଦ୍ଧାର

**ବରପାଲି, ୨୬।୬ (ଡି.ଏନ.ଏ):** ବରପାଲି ଅନ୍ତର୍ଗତ ତୁଲଣ୍ଡି ଗ୍ରାମରେ ମଙ୍ଗଳବାର ଅପରାହ୍ନରେ ପ୍ରାୟ ୧୦ ଫୁଟ ଲମ୍ବ ଓ ୨୧ କେଜି ଓଜନର ଏକ ଅଜଗର ସାପକୁ ସ୍ନେକ ହେଲପ ଲାଇନର ସଦସ୍ୟମାନେ ତାକୁ ଉଦ୍ଧାର କରିଛନ୍ତି। ତୁଲଣ୍ଡି ଜଙ୍ଗଲର ଶାଖା କେନାଲରେ ସାପକୁ କେତେକ ଗ୍ରାମବାସୀ ଦେଖିଲା ପରେ ଜଙ୍ଗଲ ବିଭାଗକୁ ଖବର ଦେବା ସହ ବରଗଡ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ ।

### ମାଟ୍ରିକ ଜିଲା ଟପ୍ପରଙ୍କୁ ସମ୍ବର୍ଦ୍ଧନା

**ପୁରୁଣାକଟକ, ୨୬।୬(ଡି.ଏନ.ଏ):** ଚଳିତବର୍ଷ ବୌଦ୍ଧ ଜିଲାରେ ମାଟ୍ରିକ ଟପ୍ପର ହୋଇଥିବା ପୁରୁଣାକଟକ ଉଚ୍ଚ ବିଦ୍ୟାଳୟ ଛାତ୍ର ଶରତ କୁମାର ସାହୁଙ୍କୁ ବୁଧବାର ଉଚ୍ଚବିଦ୍ୟାଳୟ ପରିସରରେ ଅନୁଷ୍ଠିତ ଏକ ସଭାରେ ସମ୍ବର୍ଦ୍ଧନା ଦିଆଯାଇଥିଲା। ତିଲେଶ୍ୱର କରଡି ମୂଳବାସିନ୍ଦା ଓ ବର୍ତ୍ତମାନ ରାୟପୁରରେ ବ୍ୟବସାୟ କରୁଥିବା ମାତାଦିନଲାଲା ଅଗ୍ରୱାଲାଙ୍କ ତରଫରୁ ଶରତଙ୍କୁ ମାନପତ୍ର ସହ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନଶିକ୍ଷକ ମୁରଲିଧର ରଣାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ୍ ମୃତ୍ୟୁଞ୍ଜୟ ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅମିତ କୁମାର ଅଗ୍ରୱାଲା, ରାଧେଶ୍ୟାମ ଅଗ୍ରୱାଲା, ସାଓଁରମଲ ଅଗ୍ରୱାଲା, ଗିରିଜା ଶଙ୍କର ପଟ୍ଟନାୟକ, ସାମାଜିକ କର୍ମୀ ବିଜୟ କୁମାର କହଁର, ଲବ ଚାନ୍ଦ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଶରତ ମାଟ୍ରିକ ପରୀକ୍ଷାରେ ୫୪୮ ମାର୍କ ରଖି ବୌଦ୍ଧ ଜିଲା ଟପ୍ପର ହୋଇଛନ୍ତି ।

### ଭୂମିହୀନଙ୍କୁ ଜମିପଟ୍ଟା ଯୋଗାଇ ଦେବାକୁ ଦାବି

**ବରପାଲି, ୨୬।୬ (ଡି.ଏନ.ଏ):** ବରପାଲି ଏନଏସି ଅଧୀନ ୯ ନମ୍ବର ୱାର୍ଡର କଇଁରାଟିକ୍ରା ରାସ୍ତା କଡରେ ଦୀର୍ଘ ୩୦ ବର୍ଷ ଧରି ବସବାସ କରିଆସୁଥିବା ଭୂମିହୀନ ମାନଙ୍କୁ ଜମିପଟ୍ଟା ଯୋଗାଇ ଦେବାକୁ ତହସିଲଦାରଙ୍କ ନିକଟରେ ଦାବି କରାଯାଇଛି । ଏ ନେଇ ମଙ୍ଗଳବାର ପୂର୍ବତନ ବିଧାୟିକା ରୀତା ସାହୁଙ୍କ ନେତୃତ୍ୱରେ ପୂର୍ବତନ ଏନଏସି ଅଧକ୍ଷା ମୀନା ସେଠଙ୍କ ସମେତ ବହୁ ମହିଳାପୁରୁଷ ବରପାଲି ତହସିଲଦାର ଯୁଧିଷ୍ଠିର ମେହେରଙ୍କୁ ଭେଟି ଆଲୋଚନା କରିଥିଲେ। ରାଜ୍ୟ ସରକାରଙ୍କ ଭୂମିହୀନ ଯୋଜନା ଥିବା ଦର୍ଶାଇ ପୂର୍ବରୁ ଅନେକ ଥର ଘରଡିହ ପାଇବା ପାଇଁ ପ୍ରଶାସନର ଦ୍ୱାରସ୍ଥ ହୋଇଥିବା ଏମାନେ ପ୍ରକାଶ କରିଥିଲେ। ଏବେ ଗରିବ ଭୂମିହୀନମାନଙ୍କ ଥଇଥାନ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯିବାକୁ ପୂର୍ବତନ ବିଧାୟିକା ସାହୁ ଦାବି କରିଥିଲେ। ତହସିଲଦାର ମେହେର ଏହା ଉପରେ ଉଚିତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ ।

### ଚାରି ନାଗସାପ ଉଦ୍ଧାର

**ବୌଦ୍ଧ,୨୬।୬(ସ୍ୱ.ପ୍ର):** ବୌଦ୍ଧ ଜିଲ୍ଲା ସ୍ନେକ ହେଲପଲାଇନ ପକ୍ଷରୁ ହରଭଙ୍ଗା ବ୍ଲକ ବନ୍ଧାପଥର ଗ୍ରାମର ଲକ୍ଷବଚ୍ଚ ପ୍ରଧାନ ଓ ନକୁଆନାଳୀ ଗ୍ରାମର ବିଦ୍ୟାଧର ପାତ୍ରଙ୍କ ଘରୁ ଗୋଟିଏ ଲେଖାଏଁ ନାଗସାପ ଉଦ୍ଧାର କରାଯାଇଛି । ସେହିପରି ବୌଦ୍ଧ ବ୍ଲକ ତେତେଲେଙ୍ଗା ଗ୍ରାମର ରଜନିକାନ୍ତ ମଲ୍ଲିକ ଓ କନକପୁର ଗ୍ରାମର ତପନ କୁମାର ସାହୁଙ୍କ ଘରୁ ମଧ୍ୟ ଦୁଇଟି ନାଗସାପ ଉଦ୍ଧାର କରାଯାଇଛି। ଉକ୍ତ ସାପଗୁଡ଼ିକୁ ଦେବଗଡ ଜଙ୍ଗଲରେ ଛଡାଯାଇଥିବା ଜଣାପଡିଛି ।



ଜିଲାପାଳ ଅଫିସକୁ ଅଭିଯୋଗ କରିବାକୁ ଆସିଥିବା ଲରମ୍ଭା ଅଞ୍ଚଳର ଚାଷୀମାନେ ।



ଲରମ୍ଭା ମଣ୍ଡି ସମ୍ମୁଖରେ ଧାନ ବୋଝେଇ ଟ୍ରାକ୍ଟର ଛିଡ଼ା ହୋଇ ରହିଛି ।

# ଧାନ ସଂଗ୍ରହ ଜଟିଳ, ପ୍ରଶାସନ ଅସହାୟ

**ବରଗଡ଼ ଅଫିସ୍,୨୬।୬**

ବରଗଡ଼ ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ସମସ୍ୟା ଚରମ ସୀମାରେ ପହଞ୍ଚିଛି। ଏହା ଏବେ ଚାଷୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଧାନ ସଂଗ୍ରହ ପ୍ରକ୍ରିୟାକୁ ଦେଢ଼ ମାସ ନ ବିତିଣୁ ଗତ କିଛିଦିନ ତଳୁ ମଣ୍ଡିକୁ ଆସୁଥିବା ଚାଷୀଙ୍କ ଧାନକୁ ରଖାଯାଉନାହିଁ। ଫଳରେ କେତେକ ଚାଷୀ ନିରାଶରେ ଫେରିଯାଉଥିବା ବେଳେ ଅନେକ ଚାଷୀ ଆଣିଥିବା ଧାନ ବୋଝେଇ ଟ୍ରାକ୍ଟର ଦିନ ଦିନ ଧରି ମଣ୍ଡି ସମ୍ମୁଖରେ ଛିଡ଼ା ହୋଇରହୁଛି। ଫଳରେ ଅଯଥାରେ ଟ୍ରାକ୍ଟର ଭଡ଼ା ବୋଝ ଚାଷୀଙ୍କ ଉପରେ ପଡୁଛି । ଏହାସତ୍ତ୍ୱେ ମଣ୍ଡିରେ ଚାଷୀଙ୍କ ଧାନ ରଖାଯାଉନାହିଁ ଏବଂ ଯାଞ୍ଚ ଆଳରେ ଦିନ ଗଡ଼ି ଚାଲିଛି। ଏହା ଚାଷୀ ଅସନ୍ତୋଷକୁ ଦ୍ୱିଗୁଣିତ କରିଛି।

ଏଭଳି ଅଭିଯୋଗ ନେଇ ଜିଲାର ବିଭିନ୍ନ ଅଞ୍ଚଳର ଶତାଧିକ ଚାଷୀ ଜିଲାପାଳ ଅଫିସକୁ ଧାଇଁ ଜିଲାପାଳ ତଥା ବିଭାଗୀୟ ଅଧିକାରୀଙ୍କୁ ଗୁହାରି କରୁଥିବା ଦେଖିବାକୁ ମିଳିଛି । ଏହାସତ୍ତ୍ୱେ ତ୍ୱରିତ ପଦକ୍ଷେପ ନିଆଯାଉ ନ ଥିବା ଯୋଗୁ ଚାଷୀମାନଙ୍କୁ ନିରାଶ ହେବାକୁ ପଡୁଛି । ଏହି ସମସ୍ୟାକୁ ନେଇ ଏକ ବଡ଼ ଧରଣର ଆନ୍ଦୋଳନ ମୁଣ୍ଡ ଟେକିଛି। ବୁଧବାର ଜିଲାର ଲରମ୍ଭା, ବରମକେଲା, ସାଇପାଲି ଆଦି ମଣ୍ଡି ଉପରେ ନିର୍ଭର କରୁଥିବା ଚାଷୀମାନେ ଜିଲାପାଳ ଅଫିସକୁ ଆସିଥିଲେ। ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କ ଅନୁପସ୍ଥିତିରେ ସେମାନେ ଅତିରିକ୍ତ ଜିଲାପାଳ ତପୀରାମ ମାଝୀଙ୍କୁ ଭେଟିଥିଲେ। ମାତ୍ର ଚାଷୀଙ୍କୁ କୌଣସି ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା।

ସେହିପରି ସେଠାରେ ଉପସ୍ଥିତ ସହକାରୀ ଯୋଗାଣ ଅଧିକାରୀ ଡି. ସି ଭେସ୍ରାଙ୍କୁ ଚାଷୀମାନେ ସାକ୍ଷାତ କରି ମଣ୍ଡିରେ ଧାନ କିଣାବିକା କରିବାକୁ ନିବେଦନ କରିଥିଲେ। ଏସିଏସଓ ଭେସ୍ରା ମଧ୍ୟ ସେ ନେଇ ଠୋସ୍ ଉତ୍ତର ଦେଇ ପାରି ନ ଥିଲେ ଏବଂ ଅତିରିକ୍ତ ଜିଲାପାଳଙ୍କ ଅଫିସରୁ ବାହାରିଥିଲେ। ଏହାପରେ ଜିଲାପାଳ ଅଫିସରେ ଠୁଳ ହୋଇଥିବା ଚାଷୀମାନେ ତାଙ୍କୁ ଘେରି ତୁରନ୍ତ ଉପରୋକ୍ତ ସମସ୍ୟାର ସମାଧାନ କରିବାକୁ ଦାବି କରିଥିଲେ। ତଥାପି ସେ ଧାନ ଉଠାଣ ନେଇ ସନ୍ତୋଷଜନକ ଉତ୍ତର ଦେଇ ପାରି ନଥିଲେ ଏବଂ ସ୍ଥାନୀୟ ଯୋଗାଣ ନିରୀକ୍ଷକ ଯାଞ୍ଚ କଲା ପରେ ସେହି ଧାନ ସଂଗ୍ରହ କରାଯିବ ବୋଲି କହିଥିଲେ। ଏଭଳି ଯାଞ୍ଚ ଆଳରେ ଦିନ ଗଡ଼ାଇ ଚାଲିଥିଲେ ଆଗକୁ ମୌସୁମୀ ବର୍ଷା ଯୋଗୁ ଚାଷୀଙ୍କ ଅମଳ ଧାନ ନଷ୍ଟ ହେବାର ସମ୍ଭାବନା ରହିଛି। ଏହି ଦୃଷ୍ଟିରୁ ଉକ୍ତ ସମସ୍ୟାର ତୁରନ୍ତ ସମାଧାନ କରା ନ ଗଲେ ଚାଷୀମାନେ କ୍ଷତିଗ୍ରସ୍ତ ହେବା ସହିତ ଆନ୍ଦୋଳନ ମୁହାଁ ହେବେ, ଏହାକୁ ଏଡ଼ାଇ ଦିଆଯାଇ ନ ପାରେ ।

# ମୃତ ସ୍ୱାମୀଙ୍କ ନାଁରେ ଆବାସ ଗୃହ ହଡ଼ପ ଅଭିଯୋଗ

**କନ୍ଧମାଳ,୨୬।୬ (ଡି.ଏନ.ଏ)**

**ଭଙ୍ଗା କୁଡିଆରେ ଅସହାୟ ଆଦିବାସୀ ବୃଦ୍ଧା**

ବୌଦ୍ଧ ଜିଲା କନ୍ଧମାଳ ବ୍ଲକ ଲମ୍ବସରୀ ପଞ୍ଚାୟତ ବଡଝାରମୁଣ୍ଡା ଗାଁର ସୁମିତ୍ରା ପ୍ରଧାନ ନାମ୍ନୀ ଆଦିବାସୀ ବୃଦ୍ଧା ଝାଟିମାଟି କୁଡିଆରେ ଦିନ କାଟୁଛନ୍ତି। ମୃତ ସ୍ୱାମୀଙ୍କ ନାଁରେ ଆବାସ ଗୃହ ହଡପ କରାଯାଇଥିବାରୁ ସେ ଏଭଳି ଅବସ୍ଥାରେ ରହୁଥିବା ସୁମିତ୍ରା କହିଛନ୍ତି। ସୁମିତ୍ରାଙ୍କ ବୟସ ୬୫ ବର୍ଷ। ଗତ ୩ ବର୍ଷ ତଳେ ତାଙ୍କ ସ୍ୱାମୀ ଘମୁଣ୍ଡୁ ପ୍ରଧାନଙ୍କ ଦେହାନ୍ତ ହୋଇଛି । ଏହା ମଧ୍ୟରେ ସେ ସରକାରୀ ଯୋଜନାର ଘର ପାଇଁ ତିନି ଚାରି ଥର ପଞ୍ଚାୟତ ଓ ବ୍ଲକ ଅଫିସ ଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ପାରିନାହିଁ । ତାଙ୍କ କହିବା ମତେ ୪/୫ ଦିନ ତଳେ ବ୍ଲକ ଅଫିସ୍‌ର କର୍ମଚାରୀ ବୋଲି ପରିଚୟ ଦେଇ ତାଙ୍କ ଘରକୁ ଆସିଥିବା କେତେଜଣ ଲୋକ ତାଙ୍କ ଅବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ତାଙ୍କ ସ୍ୱାମୀଙ୍କ ନାଁରେ ସରକାରୀ ଯୋଜନାର ଘର ହୋଇଥିବା ସେମାନେ ସୂଚନା ଦେଇଥିଲେ। ଏ ସମ୍ପର୍କରେ ଲମ୍ବସରୀ ପଞ୍ଚାୟତ ନିର୍ବାହୀ ଅଧିକାରୀ ବିପୁଳ ଦାସଙ୍କୁ ପଚାରିବାରୁ ସେ କହିଲେ, ଘମୁଣ୍ଡୁ ପ୍ରଧାନ ସରକାରୀ ଯୋଜନାର ଘର ପାଇଥିବା ଭଳି ଲାଗୁଛି। ଅପେକ୍ଷାରତ ତାଲିକାରେ ତାଙ୍କ ନାଁ ନାହିଁ ବୋଲି ନିର୍ବାହୀ ଅଧିକାରୀ ସ୍ପଷ୍ଟ କରିଛନ୍ତି । ସୁମିତ୍ରା କୁହନ୍ତି, ସରକାର ଘର ନାଇଁଥିଲା ଲୋକକୁ ଘର ଦେମୁ ବଲୁଛେ । ହେଲେ ମୋର କରମ ଫଟା ବଲିକରି ଫଟାଟୁଟା ଘରେ ମୁଇଁ ଅଛେଁ । ଅପରପକ୍ଷେ ବିଡିଓ ରବିନ୍ଦ୍ର ନାଥ କହଁର କହିଛନ୍ତି, ଦୁଇ ଦିନ ଭିତରେ ସରକାରୀ ଯୋଜନାର ଘର ହଡପ ଅଭିଯୋଗର ତଦନ୍ତ କରି ଯୋଗ୍ୟ ହୋଇଥିଲେ ତାଙ୍କୁ ଘର ଯୋଗାଇ ଦିଆଯିବ ।



ଭଙ୍ଗା କୁଡିଆରେ ସୁମିତ୍ରା ପ୍ରଧାନ ।

# ଭୁଶୁଡ଼ିଗଲାଣି ଆଇନଶୃଙ୍ଖଳା ପରିସ୍ଥିତି

**ବରପାଲି, ୨୬।୬ (ଡି.ଏନ.ଏ)**

**ପୋଲିସ ଉପରୁ ଆସ୍ଥା ହରାଉଛନ୍ତି ସାଧାରଣ ଜନତା**

ବରପାଲି ସହରରେ ଏବେ ଅସାମାଜିକ ତତ୍ତ୍ୱଙ୍କ ପ୍ରାଦୁର୍ଭାବ ବଢ଼ିବାରେ ଲାଗିଛି। ଏ ଦିଗରେ ପୋଲିସର ନିଷ୍କ୍ରିୟତା ଯୋଗୁ ସାଧାରଣ ଲୋକମାନେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। କିଛିଦିନ ହେଲା ଏଠାରେ ପୋଲିସକୁ ଚ୍ୟାଲେଞ୍ଜ କଲାଭଳି କ୍ରମାଗତ ଲୁଟ, ଡକାୟତି, ବଳାତ୍କାର ଭଳି କାର୍ଯ୍ୟକଳାପ ବୃଦ୍ଧି ପାଇ ଚାଲିଛି। ଏହା ବ୍ୟତୀତ ମଦ, ସଟ୍ଟା, ଜୁଆ କାରବାର ଏଠାରେ ନିତିଦିନିଆ ହୋଇଗଲାଣି। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ କେତେକ ଦୁର୍ବୃତ୍ତ ଏକ ଟ୍ରକ୍‌କୁ ଅଟକାଇ ଡ୍ରାଇଭରଙ୍କୁ ମାଡ ମାରି ଟଙ୍କା ଲୁଟି ଫେରାର ହୋଇଥିବା ଘଟଣାରେ ପୋଲିସ କେବଳ ମାମଲା ରୁଜୁ କରି ବସିଛି। ପର ଦିନ ଏକ ଫାଇନାନ୍ସ କର୍ମଚାରୀଙ୍କଠାରୁ ଟଙ୍କା ଲୁଟ, ସରପଞ୍ଚଙ୍କୁ ବନ୍ଧୁକ ମୁନରେ ଧମକ ଦେଇ ଲୁଟ ଉଦ୍ୟମ ଏବଂ ଜଣେ ନାବାଳିକାଙ୍କୁ ବଳାତ୍କାର ଆଦି ଘଟଣା ଘଟିଥିଲା । ସମ୍ପ୍ରତି ସ୍କୁଲ, କଲେଜ, କୋଚିଂ ସେଣ୍ଟର ଯାଉଥିବା ଛାତ୍ରୀମାନେ ଅଯଥା କମେଣ୍ଟର ଶିକାର ହେଉଛନ୍ତି। ଏହା ଅଭିଭାବକମାନଙ୍କ ଚିନ୍ତାର କାରଣ ହୋଇଛି। ବର୍ତ୍ତମାନ ସହରର ହାଟ, ବଜାର, ରାସ୍ତାକଡ ଓ ଗଳିକନ୍ଦିରେ ଅବାଧ ମଦ ବିକ୍ରି ଏକ କୁଟୀରଶିଳ୍ପରେ ପରିଣତ ହେଲାଣି। ଜୁଆ, ସଟ୍ଟାଖେଳ ଦୈନିକ ଚାଲିଛି। ଏ ସମ୍ପର୍କରେ ବରପାଲି ଥାନାକୁ ନୂତନ ଭାବେ ଆସିଥିବା ବିଜେପୁର ଥାନା ଅଧିକାରୀ ରୋଜାଲିନ ପଟେଲଙ୍କୁ ପଚାରିବାରୁ ସେ କହିଲେ, ବରପାଲିରେ ନିକଟ ଅତୀତରରେ ଯେଉଁସବୁ ଘଟଣା ଘଟିଛି ତାହା ଉପରେ ସେ ଅବଗତ ଅଛନ୍ତି ଏବଂ ଏହା ଉପରେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ।

# ବୌଦ୍ଧରେ ଜିଲାସ୍ତରୀୟ ନିଶା ନିବାରଣ ଦିବସ

**ବୌଦ୍ଧ,୨୬।୬(ସ୍ୱ.ପ୍ର)**

ବୌଦ୍ଧ ଠାରେ ଜିଲା ଅବକାରୀ ବିଭାଗ ପକ୍ଷରୁ ଜିଲାସ୍ତରୀୟ ଆନ୍ତର୍ଜାତିକ ନିଶା ନିବାରଣ ଦିବସ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି । ଜିଲା ଅବକାରୀ ଅଧିକାରୀ ଡ. ଶାନ୍ତନୁ କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ଲଲାଟେନ୍ଦୁ ମିଶ୍ର ମୁଖ୍ୟଅତିଥି, ପ୍ରକଳ୍ପ ନିର୍ଦ୍ଦେଶକ ସୂର୍ଯ୍ୟ ନାରାୟଣ ଦାଶ, ଅତିରିକ୍ତ ତହସିଲଦାର ମଙ୍ଗଲୁ ଭୁଏ ଏବଂ ଅଧ୍ୟାପକ ଶିବଦତ୍ତ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ନିଶାର ପ୍ରଶାର ଯୋଗୁ ବିଶେଷ କରି ଯୁବ ସମାଜ ପଥଭ୍ରଷ୍ଟ ହୋଇ କ୍ଷତିଗ୍ରସ୍ତ ହେଉଛନ୍ତି। ଏହି କ୍ରମରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା ।

# ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ

**ବରଗଡ଼ ଅଫିସ୍,୨୬।୬**

ନିଶା ନିବାରଣ ପାଇଁ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ପାଇଁ ବୁଧବାର ଏକ ଶୋଭାଯାତ୍ରା ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରୁ ବାହାରି ସହର ପରିକ୍ରମା କରିଥିଲା । ଅତିରିକ୍ତ ଜିଲାପାଳ ତପୀରାମ ମାଝୀ ପତାକା ଦେଖାଇ ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପଥପ୍ରାନ୍ତ କାର୍ଯ୍ୟକ୍ରମ ହୋଇଥିଲା। ଅବାଧ ନିଶା କାରବାର ବଢୁଥିବା ହେତୁ ଯୁବପୀଢ଼ି ପଥଭ୍ରଷ୍ଟ ହେଉଛନ୍ତି। ତେଣୁ ଏଭଳି ସଚେତନତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମ ଏବଂ ସହରକୁ ନିଶାମୁକ୍ତ କରିବା ସହିତ ସୁସ୍ଥ ସମାଜ ଗଠନ ଦିଗରେ ସହାୟକ ହୋଇ ପାରିବ ବୋଲି ବାର୍ତ୍ତା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ଜିଲା ଅବକାରୀ ବିଭାଗ ଏବଂ ସାମାଜିକ ସୁରକ୍ଷା ବିଭାଗର ତତ୍ତ୍ୱାବଧାନରେ ପରିଚାଳିତ ହୋଇଥିଲା। ଜିଲା ଅବକାରୀ ଅଧୀକ୍ଷକ ମକରଧ୍ୱଜ ବର୍ଗେ, ସାମାଜିକ ସୁରକ୍ଷା ଅଧିକାରୀ ନବକିଶୋର ସାହୁ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କଲ୍ୟାଣୀ ଦାଶଙ୍କ ସମେତ ବହୁ କର୍ମଚାରୀ, ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ସଦସ୍ୟମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।



ନିଶା ନିବାରଣ ପାଇଁ ଶୋଭାଯାତ୍ରା ସହର ପରିକ୍ରମା କରୁଛି ।



ଅତିଥିମାନଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ ।

# କ୍ରିକେଟ ଟୁର୍ନାମେଣ୍ଟ: ବୌଦ୍ଧ ସୁପର ୮ ଚାମ୍ପିୟନ

**ପୁରୁଣାକଟକ,୨୬।୬(ଡି.ଏନ.ଏ)**

ବୌଦ୍ଧ ଜିଲା ପୁରୁଣାକଟକ ସ୍ଥିତ ମିନି ଷ୍ଟାଡିୟମରେ ମା ଭୈରବୀ କ୍ରିକେଟ କ୍ଲବ ଆନୁକୂଲ୍ୟରେ ମଙ୍ଗଳବାର ପ୍ରଥମ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧର ସୁପର ୮ଦଳ କନ୍ଧମାଳ ରୁଣ୍ଡିମହଲ ଦଳକୁ ୪ ଉଇକେଟରେ ହରାଇ ଚାମ୍ପିୟନ ହୋଇଥିଲା। ସ୍ଥାନୀୟ ଯୁବ ଶିଳ୍ପପତି ଅଶୋକ କୁମାର ଅଗ୍ରୱାଲା ଓ ବୌଦ୍ଧ ଜିଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୁର ସେଠୀ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପ ବିଜେତା ଦଳକୁ ଟ୍ରଫି ଓ ନଗଦ ରାଶି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ସମୁଦାୟ ୧୬ଟି ଦଳ ଭାଗ ନେଇଥିଲେ। ଅପରାହ୍ନ ୫ଟାରୁ ରାତି ୨ଟା ପର୍ଯ୍ୟନ୍ତ ମୋଟ ୧୫ଟି ମ୍ୟାଚ୍ ହୋଇଥିଲା। ପ୍ରଥମଥର ପାଇଁ ଫ୍ଲଡ ଲାଇଟରେ ଏଭଳି ଏକ ଟୁର୍ନାମେଣ୍ଟ ହେଉଥିବାରୁ ବହୁ ଜନସମାଗମ ହୋଇଥିଲା। ବିକାଶ ସାହୁ, ସୁବ୍ରତ ସାହୁ, ସମୀର ଭୋକ୍ତା, ସୟ ରାଉତ, ନୟନ ପଣ୍ଡା, ଶୁଶାନ୍ତ ସାହୁ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ। ସୁଦର୍ଶନ ଭୋକ୍ତା ମ୍ୟାଚ କମିଶନର ଦାୟିତ୍ୱ ତୁଲାଇଥିଲେ। ବନୁ ରଣା ଧାରା ବିବରଣୀ ପ୍ରଦାନ କରିଥିଲେ । ମା ଭୈରବୀ କ୍ରିକେଟ କ୍ଲବ ସଭାପତି ଅମିତ କୁମାର ବେହେରା, ସମ୍ପାଦକ ସୁବ୍ରତ କୁମାର ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ପୁଣି ଲେଉଟିଲା ତାତି, ପଲ୍‌ହା ଉପରେ ପ୍ରଭାବ

**ଭେଡ଼େନ, ୨୬।୬ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଅଞ୍ଚଳରେ ପୁଣି ଖରା ଲେଉଟିଛି । ଦୁଇତିନି ଦିନର ବର୍ଷା ପାଗ ପରେ ମଙ୍ଗଳବାର ଏବଂ ବୁଧବାର ପ୍ରବଳ ଖରାରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ବିଶେଷ କରି ଦିନ ବେଳା ସ୍କୁଲ ହେଉଥିବାରୁ ଛାତ୍ରୀଛାତ୍ର ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ଖରିଫ ଧାନ ଫସଲ ପାଇଁ ପଲ୍‌ହା ପକାଇବା କାମ ଆରମ୍ଭ ହୋଇଛି। ଟାଣ ଖରାରେ ପଲ୍‌ହା ଘାରି ଶୁଖିଯିବାର ଆଶଙ୍କା ରହିଛି। ପାଣି ଥିବା ଜମିରେ ଖରାରେ ପାଣି ଗରମ ହେଉଥିବାରୁ ନୂଆ ପଲ୍‌ହା ସିଝିଯିବ । ଆଷାଢ଼ ଅଧାଅଧି ସରି ବସିଲାଣି । ଏପରି ସମୟରେ ମୌସୁମୀ ବର୍ଷା ଉଭାନ ହୋଇ ଯାଇଥିବାରୁ ଆଗାମୀ ଫସଲ ପ୍ରଭାବିତ ହେବ ବୋଲି ଚାଷୀମାନେ ଆଲୋଚନା କରୁଛନ୍ତି ।

■ ଖୋର୍ଦ୍ଧା-ବୌଦ୍ଧ-ବଲାଙ୍ଗୀର ରେଳ ପ୍ରକଳ୍ପ

# କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବିପତ୍ର

**ବୌଦ୍ଧ,୨୬।୬(ସ୍ୱ.ପ୍ର)**

ଖୋର୍ଦ୍ଧା–ବଲାଙ୍ଗୀର ରେଳପଥର ସିଂହଭାଗ ବୌଦ୍ଧ ଜିଲାରେ ନିର୍ମାଣ ହେବାର ଅଛି। କିନ୍ତୁ ବୌଦ୍ଧ ଜିଲାରେ କାର୍ଯ୍ୟ ମନ୍ଥର ଥିବା ସହ ୧୧୦ କି.ମି. ଦୈର୍ଘ୍ୟ କାର୍ଯ୍ୟ କେବେ ହେବ କହିବା ମୁସ୍କିଲ ହୋଇପଡ଼ିଛି। ଏଥିପାଇଁ ୩୦୬୭.୦୭୫ ଏକର ଜମିର ଆବଶ୍ୟକତା ରହିଛି । ଜମି ଅଧିଗ୍ରହଣ ବାକିଥିବାରୁ କାର୍ଯ୍ୟ ଆଗେଇପାରୁନାହିଁ। ବର୍ତ୍ତମାନ ଉକ୍ତ ପ୍ରକଳ୍ପର କାର୍ଯ୍ୟ ଦାୟିତ୍ୱ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ହାତରେ ରହିଛି । ରେଳ ପ୍ରକଳ୍ପ କାର୍ଯ୍ୟାଳୟରେ ବର୍ତ୍ତମାନ ୧୯ଟି ପଦବୀ ଖାଲି ପଡିଛି। ମୁଖ୍ୟ ପଦବୀ ଭୂ ଅର୍ଜନ ଅଧିକାରୀ ଓ ମୁଖ୍ୟ କିରାଣି ପଦବୀ ଖାଲିଥିବା ବେଳେ ଆବଶ୍ୟକ ପଡୁଥିବା ଆର୍‌ଆଇ. ଅମିନ, ଚେନମ୍ୟାନ୍ ପଦବୀ ପୂରଣ ହୋଇ ପାରୁନାହିଁ। ଫଳରେ କାର୍ଯ୍ୟର ଅଗ୍ରଗତି ଘଟୁନାହିଁ ବୋଲି ବିଭାଗୀୟ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ବୌଦ୍ଧ ଜିଲା ରେଳ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରାଙ୍କୁ କର୍ମଚାରୀ ପଦବୀ ପୂରଣ କରିବା ପାଇଁ ଏକ ଦାବିପତ୍ର ଦିଆଯାଇଛି। ଆସନ୍ତା ୧୫ ଦିନ ଭିତରେ ପଦବୀ ପୂରଣ କରା ନ ଗଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଆବାହକ ଦେବାଶିଷ ପୁରୋହିତ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି ।

# ଦୁର୍ଘଟଣାରେ ମୃତ ଯୁବକଙ୍କ ପରିବାରକୁ ଭେଟିଲା ପ୍ରଶାସନ

**ଭେଡ଼େନ, ୨୬।୬ (ଡ଼ି.ଏନ.ଏ)**

ଭେଡ଼େନ ବ୍ଲକ ଦେଶଭଟଲି ଗ୍ରାମର ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା ଆକାଶ ସେଣ (୧୫)ଙ୍କ ପରିବାର ସଦସ୍ୟଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ବ୍ଲକ ପ୍ରଶାସନ ଭେଟି ସହାୟତାର ପ୍ରତିଶ୍ରୁତି ଦେଇଛନ୍ତି । ବିଡ଼ିଓ ମୁରଲିଧର ନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଶୈଳେଶ ଡ଼େଲକି, ସରପଞ୍ଚ ଶର୍ମିଷ୍ଠା ସାହୁ, ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରବୋଧ ଦାଶ, ଜିଆରଏସ ବାଳମୁକୁନ୍ଦ ସେନ, ସାମାଜିକ କର୍ମୀ ପଦ୍ମଲୋଚନ ଭୋସାଗର ପ୍ରମୁଖ ମୃତ ଆକାଶଙ୍କ ବାପା ରଞ୍ଜିତ ସେଣ ଏବଂ ଅନ୍ୟ ସଦସ୍ୟଙ୍କୁ ଭେଟି ରେଡ଼କ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରିବା ସହ ହରିଶ୍ଚନ୍ଦ୍ର ଯୋଜନାରୁ ମଧ୍ୟ ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ଉଲ୍ଲେଖନୀୟ ଯେ, ଗତ ଏପ୍ରିଲ ୨୮ ତାରିଖରେ ଆକାଶ ଝାରସୁଗୁଡ଼ା ଜିଲା ଲଇକେରା ନିକଟରେ ଏକ ସଡ଼କ ଦୁର୍ଘଟଣାରେ ମୃତ୍ୟୁବରଣ କରିଥିଲେ।

# ସଖୀ କାର୍ଯ୍ୟକ୍ରମ ଉଦ୍‌ଘାଟିତ

**ବରଗଡ଼ ଅଫିସ୍,୨୬।୬**

ବରଗଡ଼ ମୁଖ୍ୟ ଚିକିତ୍ସାଳୟରେ ଜିଲାସ୍ତରୀୟ ୱାନ ଷ୍ଟେପ ସେଣ୍ଟର(ସଖୀ) କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି । ଜିଲା ସଦର ମହକୁମା ଚିକିତ୍ସାଳୟରେ ଜିଲା ଚିକିତ୍ସାଧିକାରୀ (ସିଡ଼ିଏମଓ) ଡା. ନନ୍ଦ କିଶୋର ପାଢ଼ୀ ଏହାକୁ ଉଦ୍‌ଘାଟନ କରିଥିଲେ। ଉଦଘାଟନ ସମାରୋହରେ ଡିଆଇଜି ଡିଏସପି ଅଟକୋ କୁଜୁର, ଜିଲା ସମାଜ ମଙ୍ଗଳ ଅଧିକାରୀ ନଳିନୀ ବଳବନ୍ତରାୟ, ଜିଲା ଶିଶୁ କଲ୍ୟାଣ ସମିତି ଚେୟାରମ୍ୟାନ ସୁଜିତ କୁମାର ଦାଶ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ମଞ୍ଜୁଲତା ଏକ୍କା ପ୍ରମୁଖ ଉପସ୍ଥିତ ଥିଲେ। ନିର୍ଯାତିତା ମହିଳାମାନଙ୍କ ସକାଶେ ଏକ ପ୍ରକୋଷ୍ଠରେ ଚିକିତ୍ସା ସେବା, ପୋଲିସ, ଆଇନଗତ ସହାୟତା ଯୋଗାଇବା ଉପରେ ସେମାନେ ନିଜ ମତ ରଖିଥିଲେ। ପ୍ରୋଗ୍ରାମ ଅଫିସର ସୁପ୍ରଭା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ସଖୀ କାର୍ଯ୍ୟକ୍ରମର ଉଦଘାଟନୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ।



ଅଧର୍ମ ବୀଜ ବୁଣୁଥିବା ବ୍ୟକ୍ତିକୁ ବିପଦରୂପକ ଶସ୍ୟ କାଟିବାକୁ ପଡ଼ିଥାଏ।
- ଯୀଶୁଖ୍ରୀଷ୍ଟ



## ସଂକ୍ଷେପରେ

### ସପ୍ତମ ଆର୍ଥିକ ଗଣନା ପାଇଁ ପ୍ରଶିକ୍ଷଣ ଶିବିର

ଭବାନୀପାଟଣା,୨୬।୬ (ଡି.ଏନ.ଏ.)- ଚଳିତବର୍ଷ ହେବାକୁ ଯାଉଥିବା ସପ୍ତମ ଆର୍ଥିକ ଗଣନା ପାଇଁ ଏକ ପ୍ରଶିକ୍ଷଣ ଶିବିର ଭବାନୀପାଟଣାର ଅମଳା ଭବନଠାରେ ଅନୁଷ୍ଠିତ ହୋଇଛି। ଭାରତ ସରକାରଙ୍କ ପରିସଂଖ୍ୟାନ ମନ୍ତ୍ରାଳୟ ଏବଂ ସିଏସ୍‌ସି ମଧ୍ୟରେ ଚୁକ୍ତି ହେଉଛି। ପ୍ରଥମ ଥର ପାଇଁ ସିଏସ୍‌ସି ଜଡ଼ିତ ଥିବା ଭିଏଲ୍‌ଇମାନେ ଉକ୍ତ ଗଣନାର ମୁଖ୍ୟ ପାଇଁ ପରିଚାଳକ ହେବେ। ଉକ୍ତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଡେପୁଟି ଡାଇରେକ୍ଟର ପ୍ଲାନିଂ ବିକେ ତ୍ରିପାଠୀ, ଷ୍ଟାଟିଷ୍ଟିକାଲ ଅଫିସର ରଶ୍ମିରେଖା ପଣ୍ଡା, ଏଏଲ୍‌ଓ (ଆସିଷ୍ଟେଣ୍ଟ ଲେବର ଅଫିସର) ସଂଗ୍ରାମ ଦଳାଇ, ଏନ୍‌ଏସ୍‌ଏସ୍‌ଓ ଅଫିସର କୈଳାସ ବେହେରା ଓ ଆଶିଷ କୁମାର ପଣ୍ଡା, ଆସିଷ୍ଟେଣ୍ଟ ମେନେଜର, ଡିଆଇସିଡିଡି ଦାସ୍, ଏଏସ୍‌ଆରୁ ଦିଲୀପ ସାହୁ, ରାମଚନ୍ଦ୍ର ଦୀଶାରୀ, ସିଏସ୍‌ସି ଡିଷ୍ଟ୍ରିକ୍ ମେନେଜର ସୁରଥ ସାହୁ, ଭବାନୀ ଶଙ୍କର ବାଗ ଓ ଏଡିଏମ୍ ସଞ୍ଜୀବ ସରାଫ୍ ପ୍ରମୁଖ ଉପସ୍ଥିତ ଥିଲେ। ଚଳିତବର୍ଷ ଆର୍ଥିକ ଗଣନାର ବିଷୟ ଏବଂ ଏପ୍ଲିକେସନ ଟ୍ରେନିଂ ଏହି ବୈଠକର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ସମଗ୍ର କଳାହାଣ୍ଡି ଜିଲାରୁ ପାଖାପାଖି ୨୨୦ ଜଣ ଭିଏଲ୍‌ଇ ଏହି ଶିବିରରେ ଉପସ୍ଥିତ ଥିଲେ। ସୂଚନା ଆଉକି ପ୍ରଥମ ଥର ପାଇଁ ଏବର୍ଷ ମୋବାଇଲ୍ ଆପ୍ଲିକେସନ୍ ସାହାଯ୍ୟରେ ଆର୍ଥିକ ଗଣନାର ସମସ୍ତ ତଥ୍ୟ ସରକାରଙ୍କ ପାଖକୁ ଯୋଗାଇ ଦିଆଯିବ। ଏଥିରେ କମନ୍ ସର୍ଭିସ୍ ସେଣ୍ଟର ନିଜ ଅଧୀନରେ କିଛି ଷ୍ଟାଫ୍ ନିଯୁକ୍ତ କରି ଉକ୍ତ କାର୍ଯ୍ୟର ପରିଚାଳନା କରିବା ସ୍ଥିତ କରାଯାଇଛି।

### ବାଇକ୍ ଦୁର୍ଘଟଣାଗ୍ରସ୍ତ, ଜଣେ ଆହତ

ପଲମ,୨୬।୬ (ଡି.ଏନ.ଏ.)- କଳାହାଣ୍ଡି ଜିଲା ନର୍ଲା ବ୍ଲକ ଅଧୀନ ପଲମ ପଞ୍ଚାୟତସ୍ଥିତ ପଲମ ରାସ୍ତାମାଲ ଏନଏଚ୍ ୫୯ ଟୋଲ ଗେଟ ନିକଟରେ ମଙ୍ଗଳବାର ରାତି ୯ଟାରେ ଏକ ଅଜଣା ବାଇକ ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ଜଣେ ଆହତ ହୋଇଥିବା ଜଣାପଡ଼ିଛି। ଚାଳକ ଜଣକ ବାଇକ୍ (ନଂ. ଓଡି୦୨ଏନ ୯୭୦୧)ରେ ରାମପୁର ଅଭିମୁଖେ ଆସୁଥିଲେ। ହଠାତ୍ ଟୋଲ ଗେଟ ପାଖରେ ଭାରସାମ୍ୟ ହରାଇ ଦୁଘଟଣା ହୋଇଛି। ବାଇକ୍‌ର ଆଗ ଚକ ରିଙ୍ଗ ଓ ହେଡ ଲାଇଟ ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ରାତି ଜଗୁଆଳି ପୀତାମ୍ବର ସାହୁ ଏହି ଦୁର୍ଘଟଣା ନେଇ ସେଠାରେ କାମ କରୁଥିବା ଏଆରଏସଏସ ଇଞ୍ଜିନିୟର ରଞ୍ଜନ କୁମାର ରାଉତଙ୍କୁ ଜଣାଇଥିଲେ। ବୁଧବାର ସକାଳେ ଯାତ୍ରୀମାନେ ଦୁର୍ଘଟଣା ଦୃଶ୍ୟ ଦେଖି ପଲମ ଫାଣ୍ଡି ଏଏସଆଇଙ୍କୁ ଜଣାଇଥିଲେ। ପଲମ ଫାଣ୍ଡି ଏଏସଆଇ ଅସିତ କୁମାର ପଣ୍ଡା ଘଟଣାସ୍ଥଳରୁ ବାଇକ୍ ଜବତ କରିଛନ୍ତି। ଏଆରଏସଏସ ଇଞ୍ଜିନିୟର ରାଉତଙ୍କୁ ପଚାରିବାରୁ ଦୁର୍ଘଟଣା ହେବା ଖବର ପାଇ ମୁଁ ତୁରନ୍ତ ଆସି ପହଞ୍ଚିଥିଲି। ସେମାନଙ୍କୁ ପଚାରିବାରୁ ଆମେ ବରମପୁରର ବୋଲି କହିଥିଲେ। ଏହି ବାଇକ୍ ରାମପୁରଠାରୁ ମାଗି ଆଣିଛୁ ବୋଲି କହିଥିଲେ। ଦୁର୍ଘଟଣା ହୋଇଥିବା ବ୍ୟକ୍ତି ଜଣକଙ୍କ ମୁଣ୍ଡରେ ବହୁତ ଆଘାତ ହୋଇଥିବା ଦେଖି ୨୦୦୦ ଟଙ୍କା ଦେଇ ଚିକିତ୍ସା ପାଇଁ ଡାକ୍ତରଖାନାକୁ ପଠାଇଛି ବୋଲି ପ୍ରକାଶ କରିଥିଲେ।

# ୫ ଦଫା ଦାବି: ତହସିଲଦାରଙ୍କୁ ଫେରାଦ

## ନାଗରିକ ବିକାଶ ସଙ୍ଗଠନ

ଜୁନାଗଡ଼,୨୬।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ବୁଧବାର ୫ ଦଫା ଦାବି ନେଇ ଜୁନାଗଡ ତହସିଲଦାରଙ୍କୁ ଫେରାଦ ହୋଇଛନ୍ତି । ଏ ବିଷୟରେ ତହସିଲଦାରଙ୍କୁ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଛି। ସ୍ୱାଧୀନତାର ୭୨ବର୍ଷ ପରେ ମଧ୍ୟ ଜୁନାଗଡ ବ୍ଲକର ୩୪ଟି ପଞ୍ଚାୟତରେ ଅନେକ ଗରିବ ଲୋକ ସରକାରୀ ଜାଗାରେ ଘର ତିଆରି କରି ଦୀର୍ଘ ବର୍ଷ ହେବ ରହିଆସୁଛନ୍ତି। ଜୁନାଗଡ ବ୍ଲକ ପଛୁଆ ଓ ଅର୍ଥନୈତିକ କ୍ଷେତ୍ରରେ ଦୁର୍ବଳ ହୋଇଥିବାରୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ରୋଜଗାର, ଜମିପଟ୍ଟା ଆଦି ବିଭିନ୍ନ ମୌଳିକ ସୁବିଧାରୁ ଲୋକେ ବଞ୍ଚିତ ହୋଇଛନ୍ତି। ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ଅନେକ ଥର ଭୂମିହୀନମାନଙ୍କୁ ଜମି ଓ ସ୍ଥାୟୀପଟ୍ଟା ଦାବି କରିଆସୁଥିଲେ ମଧ୍ୟ ରାଜ୍ୟ ସରକାର ଓ ଜିଲା ପ୍ରଶାସନ ଏହି ଗରିବ ଲୋକମାନଙ୍କ ଦାବିକୁ ଅଣଦେଖା କରିଆସୁଛନ୍ତି। ରାଜ୍ୟ ସରକାରଙ୍କ ଅବହେଳା ଯୋଗୁ ସମ୍ବିଧାନର ପଞ୍ଚମ ଅନୁସୁଚିତ ବସୁନ୍ଧରା ଆଇ, ସିଲିଂ ଆଇନ ଓ ବନ ଅଧିକାର ଆଇନ ଭଳି ଜନହିତକର ଯୋଜନା ଆଶାନୁ ରୁପେ କାର୍ଯ୍ୟକାରୀ ହୋଇପାରୁନାହିଁ। ଫଳରେ ଜୁନାଗଡ ବ୍ଲକର ୩୪ଟି ପଞ୍ଚାୟତରେ ଥିବା ସମସ୍ତ ଜାଗାହୀନ ପରିବାରମାନଙ୍କୁ ଚିହ୍ନଟ କରି ତୁରନ୍ତ ବସୁନ୍ଧରା ଯୋଜନା ଅନୁସାରେ ସ୍ଥାୟୀ ପଟ୍ଟା ପ୍ରଦାନ କରିବା, ଜଙ୍ଗଲ ଜମିରେ ବର୍ଷ ବର୍ଷ ଦଖଲ କରି ଚାଷ କରି ବଞ୍ଚୁଥିବା ପରିବାରଙ୍କୁ ୨୦୦୬ ବନ ଅଧିକାର ଆଇନରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ମାଧ୍ୟମରେ ସ୍ଥାୟୀ ପଟ୍ଟାଦେବା, ସ୍ଥାୟୀ ରୋଜଗାର ପ୍ରଶସ୍ତ ସକାଶେ ସିଲିଂ ଆଇନ ବଲବତ୍ତର କରାଇ ଜମିହୀନମାନଙ୍କୁ ଜମି ଆବଣ୍ଟନ କରିବା, ସୀମାଙ୍କନ ହୋଇ ନ ଥିବା ପଟ୍ଟାଧାରୀମାନଙ୍କୁ ଜାଗାର ଶୀଘ୍ର ସିମାଙ୍କନ କରିବା, ପୂର୍ବରୁ ଆବେଦନ କରାଯାଇଥିବା ଦରଖାସ୍ତଗୁଡିକର ନିଷ୍ପତ୍ତି ନେବା ଆଦି ଦାବି ଉପରେ ଉଲ୍ଲେଖ କରାଯାଇଛି।

ଜୁନାଗଡ ତହସିଲଦାର ଉପେନ୍ଦ୍ର ଲୁହାଙ୍କୁ ପଚାରିବାରୁ ଅନେକ ଭୂମିହୀନ ଲୋକଙ୍କୁ ୪ ଡେସମିଲ ପଟ୍ଟା ଦେବା ପାଇଁ ପ୍ରସ୍ତୁତ ସରିଛି। ଆସନ୍ତା ୨ ଦିନ ମଧ୍ୟରେ ପଟ୍ଟା ବଣ୍ଟନ କରାଯିବ ବୋଲି କହିଥିଲେ। ଏହି ଅବସରରେ ନାଗରିକ ବିକାଶ ସଙ୍ଗଠନ ସଭାନେତ୍ରୀ ଗୁଣ୍ଡିଚା ଭୋଇ, ସମ୍ପାଦିକା ଚମ୍ପା ନାଏକ, ତଳଜାରିଙ୍ଗ ଗ୍ରାମର ପ୍ରସାଧୁ ଖାଡିଆ, ପ୍ରଦା ଖାଡିଆ, ଲବଣିପୁର ଗ୍ରାମର ଲବ ଖାଡିଆ, ଚିତ୍ର ଖାଡିଆ, ଶତୃଘନ ଖାଡିଆ, ନାନ୍ଦୋଲର ରତ୍ନବତୀ ନାଏକ, ଲାଲ ବିହାରୀ, କାହ୍ନୁ ବାଗ, ଲମ୍ବୁ ବନ୍ଦିଛୋଡ, କର୍ଲାକୋଟ ଗ୍ରାମର ଲିଙ୍ଗରାଜ ସୁନାନୀ, ଅମର ସୁନାନୀ, ବିନୋଦ ବିହାରୀ, ମଞ୍ଜୁଳା କରଙ୍କ ସମେତ ଅନେକ ଗ୍ରାମର ଜମିହୀନ ଲୋକ ସାମିଲ ହୋଇଥିଲେ।



ତହସିଲାଦାରଙ୍କୁ ନାଗରିକ ବିକାଶ ସଙ୍ଗଠନ ପକ୍ଷରୁ ଫେରାଦ ହେଉଛନ୍ତି।

# ବନ୍ଦକୋଠରିରୁ ମହିଳାଙ୍କ ମୃତଦେହ ଉଦ୍ଧାର, ପୋଲିସ ତଦନ୍ତ ଜାରି

କୋକସରା,୨୬।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ଅନ୍ତର୍ଗତ ମାଝିଗୁଡ଼ା ପଞ୍ଚାୟତ ମହୁଲମୁଣ୍ଡା ଗ୍ରାମର ଏକ ବନ୍ଦକୋଠରିରୁ ଜଣେ ମହିଳାଙ୍କ ଝୁଲନ୍ତା ମୃତଦେହକୁ ବୁଧବାର କୋକସରା ପୋଲିସ ଉଦ୍ଧାର କରିଛି। ମୃତ ମହିଳାଙ୍କ ନାମ ସନ୍ଧ୍ୟା ଦୁଣ୍ଡକିଆ (୪୦) । ଏ ନେଇ କୋକସରା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରହିଛି । ସୂଚନା ମୁତାବକ ମହୁଲମୁଣ୍ଡା ଗ୍ରାମର ଜନ୍ନି ଦୁଣ୍ଡକିଆଙ୍କ ଗତ ଦେଢ ମାସ ତଳେ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ଝିଅ ସନ୍ଧ୍ୟା ଏକୁଟିଆ ରହୁଥିଲେ। ବୁଧବାର ସକାଳୁ ତାଙ୍କ ଘର କବାଟ ଭିତରପଟୁ ବନ୍ଦ ରହିଥିଲା। ସନ୍ଧ୍ୟା ପର୍ଯ୍ୟନ୍ତ ମଧ୍ୟ କବାଟ ବନ୍ଦ ଥିବା ଦେଖି ପଡ଼ୋଶୀମାନେ ମାଝିଗୁଡ଼ା ସରପଞ୍ଚ କୈକେୟୀ ନାଗଙ୍କୁ ଖବର ଦେଇଥିଲେ। ସରପଞ୍ଚ କୋକସରା ଥାନାକୁ ଖବର ଦେଇଥିଲେ। କୋକସରା ଥାନା ମହିଳା ଅଧିକାରୀ ଆନ୍ନା ମିଞ୍ଜ୍ ଘଟଣାସ୍ଥଳରେ ପହଞ୍ଚି କବାଟ ଭିତର ପଟୁ ବନ୍ଦ ଥିବାରୁ ଝରକା ପଟୁ ଦେଖିବା ବେଳେ ମହିଳା ଜଣକ ବେକରେ ଶାଢି ଲଗାଇ ଝୁଲୁଥିଲେ। ପରେ ସ୍ଥାନୀୟ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର କୋକସରା ଶରତ ଚନ୍ଦ୍ର ଶବରଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ କୋକସରା ଡାକ୍ତରଖାନାକୁ ପଠାଇଥିଲେ । ଗ୍ରାମବାସୀଙ୍କ କହିବା ଅନୁସାରେ ମା'ଙ୍କ ମୃତ୍ୟୁ ପରେ ସନ୍ଧ୍ୟା ଏକୁଟିଆ ରହୁଥିଲେ। ପାଖପଡ଼ୋଶୀଙ୍କ ସହିତ ମଧ୍ୟ ସମ୍ପର୍କ ରଖୁ ନ ଥିଲେ। ଏକୁଟିଆ ଜିବନ ବିତାଉଥିବା ମହିଳା ଜଣକ ମାନସିକ ଚାପରେ ଆସି ଆତ୍ମହତ୍ୟା କରିଥାଇ ପାରନ୍ତି ବୋଲି ଗ୍ରାମବାସୀ ସନ୍ଦେହ ପ୍ରକାଶ କରିଛନ୍ତି ।



ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି।





ଜୁନାଗଡ ଥାନା ପରିସରରେ ଆମ ପୋଲିସ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ।

### ଜୁନାଗଡ଼ରେ ଆମ ପୋଲିସ କାର୍ଯ୍ୟକ୍ରମ

# ସଚେତନତା ମାଧ୍ୟମରେ ନିଶା ନିବାରଣ ହୋଇପାରିବ

ଜୁନାଗଡ଼,୨୬।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ଥାନା ପରିସରରେ ବୁଧବାର ବିଶ୍ୱ ନିଶ୍ଚେତକ ନିଶା ଦ୍ରବ୍ୟ ନିବାରଣ ଦିବସ ଅବସରରେ ଆମ ପୋଲିସ ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଜୁନାଗଡ ସହରର ଅନେକ ବୁଦ୍ଧିଜିବୀ, ମହିଳା ନେତ୍ରୀମାନେ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୁନାଗଡ ଆଇଆଇସି ପ୍ରଭାତ କୁମାର ସେଠି ଅତିଥି ଭାବେ ଯୋଗଦେଇ ସଚେତନ ମାଧ୍ୟମରେ ନିଶା ନିବାରଣ କରାଯାଇପାରିବ ବୋଲି କହିଥିଲେ। ଏହାସହ ଲୋକଙ୍କୁ ସଚେତନତା କରିବା ପାଇଁ ଆଗାମୀ ଦିନରେ ଏହି କାର୍ଯ୍ୟକ୍ରମ ବ୍ଲକର ବିଭିନ୍ନ ପଞ୍ଚାୟତରେ ମଧ କରାଯିବ ବୋଲି କହିଥିଲେ। ସେହିପରି ପୋଲିସ ଓ ଜନସାଧାରଣଙ୍କ ମଧ୍ୟରେ ଉତ୍ତମ ସମ୍ପର୍କ ରହିଲେ ନିଶା ଦ୍ରବ୍ୟକୁ ରୋକାଯାଇ ପାରିବ ବୋଲି ଉପସ୍ଥିତ ପୂର୍ବତନ ସେନା କର୍ମଚାରୀ ଦିପ୍ତି ଲୋଚନ ମୁଣ୍ଡ କହିଥିଲେ। କାର୍ଯ୍ୟକ୍ରମରେ ଏସ୍.ଆଇ ସାବିତ୍ରୀ ପ୍ରଧାନ, କୃଷ୍ଣଚନ୍ଦ୍ର ସ୍ୱାଇଁ, କନଷ୍ଟେବଳ ରଞ୍ଜିତା ମୁଣ୍ଡ ପ୍ରମୁଖ ମଞ୍ଚାସୀନ ଥିଲେ।

### ସ୍ନାତକ ବିଜ୍ଞାନରେ ପ୍ରଗତି କଲେଜର ନିର୍ଲିପ୍ତା ଯୋଶୀ ବିଶ୍ୱବିଦ୍ୟାଳୟ ଟପ୍ପର

ଭବାନୀପାଟଣା,୨୬।୬ (ଡି.ଏନ.ଏ.)

ଭବାନୀପାଟଣା ନିକଟସ୍ଥ ରାଇସିଂପୁରଠାରେ ଥିବା ପ୍ରଗତୀ ଯୁକ୍ତ ୩ କଲେଜର ସ୍ନାତକ ବିଜ୍ଞାନର ପରୀକ୍ଷା ଫଳାଫଳ ପ୍ରକାଶିତ ହୋଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଦ୍ୱାରା ଅନୁବନ୍ଧିତ ଏହି କଲେଜ ଚଳିତବର୍ଷ ସ୍ନାତକ ବିଜ୍ଞାନରେ ସ୍ୱର୍ଣ୍ଣ ପଦକ ହାସଲ କରି ଜିଲା ପାଇଁ ଗୌରବ ଆଣିଛି। ପଦାର୍ଥ ବିଜ୍ଞାନର ଛାତ୍ରୀ ନିର୍ଲିପ୍ତା ଯୋଶୀ ସମ୍ବଲପୁର ବିଶ୍ୱବିଦ୍ୟାଳୟରେ ଏକ ନମ୍ବର ର୍‍ୟାଙ୍କରେ ଉତ୍ତୀର୍ଣ୍ଣ ହୋଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସେହିପରି ରଶାୟନ ବିଜ୍ଞାନର ଛାତ୍ରୀ ଅର୍ପିତା ପଣ୍ଡା ଦ୍ୱିତୀୟ, ଉଦ୍ଭିଦ ବିଜ୍ଞାନର ଛାତ୍ରୀ ଆରାଧନା ସାହୁ ପଞ୍ଚମ ଏବଂ ଯୁଗ୍ମ ଭାବେ ଗଣିତ ବିଭାଗ ଛାତ୍ରୀ ମନିଶା ସାହୁ ଓ ପ୍ରାଣୀ ବିଜ୍ଞାନର ଛାତ୍ରୀ ଶିବାନୀ ପାତ୍ର ଷଷ୍ଠ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଉଦ୍ଭିଦ ବିଜ୍ଞାନରେ ଲୋପାମୁଦ୍ରା ପଧାନ ନବମ, ଅଜୟ କୁମାର ଦାସ ଦଶମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ଜିଲା ପାଇଁ ଗୌରବ ଆଣି ଦେଇଛନ୍ତି। ଚଳିତ ଶିକ୍ଷାବର୍ଷର ଉକ୍ତ ଫଳାଫଳକୁ ନେଇ ପ୍ରଗତୀ ଶିକ୍ଷା ଅନୁଷ୍ଠାନର ପ୍ରତିଷ୍ଠାତା ଇଂ. ଅଜୟ କୁମାର ପଣ୍ଡା ସମସ୍ତ କୃତୀ ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇବା ସହିତ ଅଧ୍ୟକ୍ଷ ତଥା ଅଧ୍ୟାପକ ଓ ଅଧ୍ୟାପିକାମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଅନ୍ତର୍ଜାତୀୟ ନିଶା ଅପବ୍ୟବହାର, ଅବୈଧ ଚାଲାଣ ନିରୋଧ ଦିବସ

ଭବାନୀପାଟଣା,୨୬।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ପ୍ରଶାସନର ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ ଓ ଅବକାରୀ ବିବାଗ ପକ୍ଷରୁ ଭବାନୀପାଟଣାଠାରେ ବୁଧବାର ଅନ୍ତର୍ଜାତୀୟ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ନିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ କଳାହାଣ୍ଡି ଜିଲାପାଳଙ୍କ ବାସଭବନ ସମ୍ମୁଖରୁ ଏକ ସଚେତନତା ରାଲି ବାହାରି ସହର ପରିକ୍ରମା କରିବା ସହିତ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଅବୈଧ ଚାଲାଣ ସମ୍ପର୍କରେ ସଚେତନତା ସୃଷ୍ଟି କରାଯାଇଥିଲା। କଳାହାଣ୍ଡି ଅତିରିକ୍ତ ଜିଲାପାଳ ଶରତଚନ୍ଦ୍ର ଶ୍ରୀଚନ୍ଦନ ଓ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଭୋଳାନାଥ ଦାସ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଭବାନୀପାଟଣା ଉପଜିଲାପାଳ ମିର୍ଦ୍ଧା ଟପୋ, ଆସିଷ୍ଟାଣ୍ଟ କଲେକ୍ଟର୍ ସୁରେନ୍ଦ୍ର ତ୍ରିପାଠୀ, ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଉମାକାନ୍ତ ପ୍ରଧାନ, ଇନିସ୍‌ପେଟର କୁବେର ସେଠୀ, ଇନିସ୍‌ପେଟର ସଂଘମିତ୍ରା ପ୍ରଧାନ ଓ ସୁବାସ ଚନ୍ଦ୍ର ବାରିକ, ଏନସିସି ଅଫିସର ରବି କାନୁନଗୋ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ଅଧିକରୁ ଅଧିକ ସଚେତନତା ସୃଷ୍ଟି କରିବା ନିମନ୍ତେ ଛାତ୍ରୀଛାତ୍ରମାନଙ୍କ ଭିତରେ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଅବସରରେ କଳାହାଣ୍ଡି ଜିଲାପାଳଙ୍କ କାର୍ଯ୍ୟାଳୟ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ ନିଶା ଅପବ୍ୟବହାର ଓ ଅବୈଧ ଚାଲାଣ ସମ୍ପର୍କରେ ଆଲୋଚନା କରିବା ସହ ଜନସାଧାରଣ ଏହାଠାରୁ ଦୂରେଇ ରହିବା ପାଇଁ ପରାମର୍ଶ ଦେଇଥିଲେ । ବିଭିନ୍ନ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ସେହିପରି ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ସ୍ଥାନୀୟ ଅମଲା ଭବନଠାରେ ମଧ ଏହି ଦିବସ ପାଳନ କରାଯାଇଛି। ଏଥିରେ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ନିହାରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିବା ବେଳେ ଜିଲା ସାଜିକ ସୁରକ୍ଷା ଅଧିକାରୀ ଭୋଳାନାଥ ନାଏକ ଅଧ୍ୟକ୍ଷତା କରିଥିଲେ। ଅତିଥି ଭାବେ ଅବସରପ୍ରାପ୍ତ ପ୍ରଶାସକ ସୁଶ୍ରୀ ସଂଘମିତ୍ରା କାନୁନଗୋ, ଡିଡିଆରଓ ଶୁଭାଷିସ ମହାନ୍ତି, ବରିଷ୍ଠ ନାଗରିକ ସଂଘ ସମ୍ପାଦକ ଭାଗିରଥି ଭୋଇ ପ୍ରମୁଖ ଯୋଗଦେଇଥିଲେ। ମ.ରାମପୁରସ୍ଥିତ ଶ୍ରୀରାମ କୃଷ୍ଣ ଆଶ୍ରମ ଛାତ୍ରମାନେ ଏକାଙ୍କିକା ଓ ଘୁମୁରା ମାଧ୍ୟମରେ ସଚେତନର ବାର୍ତ୍ତା ଦେଇଥିଲେ। କାମଠଣାସ୍ଥିତ ଜେଏନଏମ୍ ପ୍ରଶିକ୍ଷଣ କେନ୍ଦ୍ରର ଛାତ୍ରୀମାନେ ଯୋଗଦେଇ ଥିଲେ।





ସଚେତନତା ଶୋଭାଯାତ୍ରାକୁ ଉଦ୍‌ଘାଟନ କରାଯାଉଛି।

# ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର

ଜୁନାଗଡ,୨୬।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ସହର କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଦ୍ୱିତୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଏନଏସିରେ କାର୍ଯ୍ୟରତ ସଫେଇ କର୍ମଚାରୀ (ଝାଡୁଦାର) ଓ ସହରର ଜରି ଗୋଟାଳିମାନଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ପରେ ଏନ୍‌ଏସିରେ କାର୍ଯ୍ୟରତ ୩୭ ଜଣ ସଫେଇ କର୍ମଚାରୀ (ଝାଡୁଦାର)ଙ୍କୁ ଗ୍ଲୋବ, ଜୋତା, ସାବୁନ ଆଦି ସାମଗ୍ରୀ ବଣ୍ଟନ କରାଯାଇଥିଲା। ଜୁନାଗଡ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୂଝାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଜିଲା ପରିମଳ ବିଶେଷଜ୍ଞ ଚିନ୍ମୟ କୁମାର ସାହୁ, ଯାଗା ମିଶନର ପ୍ରତୀକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଏନ୍‌ଏସିର କର୍ମଚାରୀମାନେ ସହଯୋଗ କରିଥିଲେ। ଜୁନାଗଡ ବିଜ୍ଞାପିତ ଅଞ୍ଚଳ ପରିଷଦ (ଏନ୍‌ଏସି) ପକ୍ଷରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏନ୍‌ଏସିର ମୁଖ୍ୟ କିରାଣୀ ବିଜୟ ପୂଝାରୀ ଧନ୍ୟବାଦ ଦେଇଥିଲେ।





ଜୁନାଗଡ କଲ୍ୟାଣ ମଣ୍ଡପଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ବୃନ୍ଦ ।

### ଟିକେ ବର୍ଷା ହେଲେ ହାତୀନଦୀ କୂଳ ଲଂଘୁଛି

# ବର୍ଷାଋତୁରେ ନଦୀକୂଳିଆ ୨୫ରୁ ଉର୍ଦ୍ଧ୍ୱ ଗାଁକୁ ବିପଦ

## ବର୍ଷା ହେଲେ ଲୋକେ ଆତଙ୍କିତ

ଭବାନୀପାଟଣା,୨୬।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲାରେ ହାତୀନଦୀ କୂଳ ଲଂଘୁଥିବା ଯୋଗୁ ବର୍ଷା ଋତୁ ଆସିଲେ ନଦୀକୂଳିଆ ଅଧିବାସୀ ଆତଙ୍କିତ ହୋଇ ପଡିଥାନ୍ତି । ପ୍ରାୟ ୨୫ରୁ ଅଧିକ ଗାଁର କୂଳ ନଦୀ ଖାଉଥିବା ଯୋଗୁ ଆଗକୁ ଆଡିବନ୍ଧ ନିର୍ମାଣ ପାଇଁ ପଦକ୍ଷେପ ନ ନେଲେ ସେମାନେ ସ୍ଥିତି ହରାଇବା ଆଶଙ୍କା ରହିଛି । ଏଥିପାଇଁ ଓଏଚପିସିର ପାରିପାର୍ଶ୍ୱିକ ଅନୁଦାନ ମିଳୁ ନ ଥିବା ଯୋଗୁ ସାଧାରଣରେ କ୍ଷୋଭ ପ୍ରକାଶ ପାଇଛି । ପ୍ରକାଶ ଯେ, ଇନ୍ଦ୍ରାବତୀ ପ୍ରକଳ୍ପ କାର୍ଯ୍ୟକାରୀ ହେବା ପରେ ନିଷ୍କାସିତ ଜଳ ହାତୀ ନଦୀରେ ଛଡାଯିବା ଯୋଗୁ ନଦୀକୂଳିଆ ଲୋକଙ୍କ ପାଇଁ ସମସ୍ୟା ପାଲଟିଛି । ୧୯୯୪ରୁ ହାତୀ ନଦୀରେ ନିଷ୍କାସିତ ଜଳ ଛଡା ଯାଉଥିବା ଯୋଗୁ ବର୍ଷସାରା ଅତ୍ୟଧିକ ପାଣି ବହିଥାଏ। ବର୍ଷା ଦିନେ ଇନ୍ଦ୍ରାବତୀର ନିଷ୍କାସିତ ଜଳ, ନାଳ ସଂଯୋଗ ଯୋଗୁ ହାତୀ ନଦୀରେ ଅତ୍ୟଧିକ ଜଳ ପ୍ରବାହିତ ହୋଇ କୂଳ ଖାଇବାରେ ଲାଗିଛି । ଫଳରେ ନଦୀ ତଟବାସୀ ଆତଙ୍କିତ ହେବାରେ ଲାଗିଛନ୍ତି । କଳାହାଣ୍ଡି ଜିଲାର କଲମପୁର ବ୍ଲକର ଖାଣ୍ଡିଡଙ୍ଗରିଗୁଡା, ବିରିପୁର, ମାଟିଖାଲ, ବାଲିଛଡା, କର୍ଲାପଡା, କର୍ମେଲି, ପରୁଆଗୁଡା, ଚୁରାଗାଁ, ଟେମରା, ବଙ୍କାପଲା, ଜୁନାଗଡ ବ୍ଲକର ଦାସିଗାଁ, ଚିଲଗୁଡା, କୋଲିଗାଁ, କୋଟେନ, ବଣିଜରା, ମାଟିଗାଁ, ବରଗାଁ, ପଲାସ, ବଲଧିଆମାଲ, ବାଗଡଙ୍ଗରି, ସାହାଜକନା, ମିଚାଗାଁ, ମସିଗାଁ, ଭଇଁରିଗୁଡା, ମୁର୍ଲାପଦର, ଚିଙ୍ଗୁଡିସର ଓ ପାଣିଗାଁ ସମେତ ୨୫ରୁ ଅଧିକ ଗାଁର କୂଳ ଖାଉଥିବା ଯୋଗୁ ଲୋକେ ଆତଙ୍କିତ ଅବସ୍ଥାରେ ରହିଛନ୍ତି ।

ବର୍ଷା ଦିନ ଆସିଲେ ଲୋକେ ଛାନିଆ ହେଉଛନ୍ତି । କଲମପୁର ବ୍ଲକର ବାଲିଛଡା ଗ୍ରାମ କୂଳଖାଇ ଯିବା ଯୋଗୁ ଅସ୍ଥିତ୍ୱ ହରାଇବାରେ ଲାଗିଛି । ବର୍ଷା ଦିନେ ବନ୍ୟା ସମୟରେ ଏହି ଗାଁ ଗୁଡିକରେ ଲୋକେ ଭୟଭୀତ ହୋଇ ରହିଥାନ୍ତି । ଏହି ଗାଁର ଚାଷ ଜମିଗୁଡିକ ବନ୍ୟାଜଳ ଧୋଇ ନେଉଥିବା ଯୋଗୁ ଚାଷଜମି ହ୍ରାସ ପାଇବାରେ ଲାଗିଛି । ଏଚ୍‌ପିପି ପକ୍ଷରୁ କୋଟି କୋଟି ଟଙ୍କା ବିଜୁଳି ଉତ୍ପାଦନ କରି ରାଜସ୍ୱ ସଂଗ୍ରହ କରୁଥିବା ବେଳେ ପାରିପାର୍ଶ୍ୱିକ ଉନ୍ନତି ଅନୁଦାନ ହାତୀ ନଦୀ କୂଳରେ ଆଡିବନ୍ଧ ନିର୍ମାଣ ପାଇଁ ଖର୍ଚ୍ଚ କରାଯାଉନାହିଁ । ବିଭିନ୍ନ ସମୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ବାଲିଛଡା ସମେତ କାଁଭାଁ ସ୍ଥାନରେ ସ୍ପର ନିର୍ମାଣ କରି ନିଜ ଦାୟିତ୍ୱ ସାରି ଦେଉଛନ୍ତି । ବନ୍ୟା ଆସିଲେ ରାଜନେତାଠାରୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ହାତୀ ନଦୀ କୂଳିଆ ଗାଁ କଥା ମନେପଡେ । କିନ୍ତୁ ବନ୍ୟା ପରେ ଆଡିବନ୍ଧ ଦାବି ସରକାରୀ ଫାଇଦା ଭିତରେ ହଜିଯାଏ । ରାଜ୍ୟ ସରକାର ଏ ନେଇ ହାତୀ ନଦୀର ପ୍ରାୟ ୫୫ କି.ମି. ନଦୀକୂଳ ଅସୁରକ୍ଷିତ ଥିବା ଯୋଗୁ ଆଡିବନ୍ଧ ନିର୍ମାଣ ଓ ବ୍ୟାପକ ବୃକ୍ଷରୋପଣ ପାଇଁ ଠୋସପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି। ହାତୀ ନଦୀ ଜୁନାଗଡ ବ୍ଲକର ପାଣି ଗାଁ ନିକଟରେ ତେଲ ନଦୀ ସହିତ ସଂଯୋଗ ହୋଇଛି । ତେଲ ନଦୀ ସମୁଦ୍ର ପତ୍ତନରୁ ୧୨୫ ମିଟର ଉଚ୍ଚତାରେ ଥିବା ବେଳେ ହାତୀ ନଦୀ ୨୧୬ ମିଟର ଉଚ୍ଚତାରେ ପାଣି ଗାଁ ମୁହାଣରେ ଅବସ୍ଥିତ ରହିଛି। ତେଲ ନଦୀ ଉପର ଥିବା ଯୋଗୁ ବନ୍ୟାବେଳେ ହାତୀ ନଦୀ ଜଳ ଶୀଘ୍ର ନିଷ୍କାସନ ହେବାରେ ବାଧା ଉପୁଜିଥାଏ । ଏହି ମୁହାଣ ନିକଟରେ ବ୍ୟାପକ ବାଲି ଜମି ଯିବା ଯୋଗୁ ମନ୍ଥର ଗତିରେ ବନ୍ୟାଜଳ ନିଷ୍କାସିତ ହୋଇଥାଏ । ଏହି ମୁହାଣରେ ବାଲି ଉଠାଣ ପାଇଁ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନାହିଁ । ସେହିଭଳି ଇନ୍ଦ୍ରାବତୀ ପ୍ରକଳ୍ପରେ ୪ଟି ଟର୍ବାଇନ ଦ୍ୱାରା ବିଜୁଳି ଉତ୍ପାଦନ କରାଯାଉଥିବା ବେଳେ ମଙ୍ଗଳପୁର ଡ୍ୟାମର କ୍ୟାଚମେଣ୍ଟ ଅଞ୍ଚଳ କମ ଥିବା ଯୋଗୁ ଅଧିକ ଜଳ ଅଟକ ରଖାଯାଇ ପାରେନାହିଁ । ଫଳରେ ହାତୀ ନଦୀରେ ଅଧିକ ପାଣି ଛଡା ଯାଇଥାଏ। ଏହି ହାତୀ ନଦୀ ଉପକୂଳ ଅଞ୍ଚଳ ପାଇଁ ଏକ ଦୀର୍ଘ ମିଆଦି ବନ୍ୟା ନିୟନ୍ତ୍ରଣ, ଆଡିବନ୍ଧ ନିର୍ମାଣ ଓ ବ୍ୟାପକ ବୃକ୍ଷରୋପଣ କରା ନ ଗଲେ କଳାହାଣ୍ଡି ଜିଲାର ୨୫ ରୁ ଅଧିକ ଗାଁ ମାନଚିତ୍ରରୁ ନିଜର ଅସ୍ଥିତ୍ୱ ହରାଇବା ଆଶଙ୍କା ଥିବା ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।



ନଦୀ କୂଳ ଖାଇବାରେ ଲାଗିଛି ।



ପ୍ରତ୍ୟେକ ମନୁଷ୍ୟ ଭଗବାନଙ୍କ ଦୃଷ୍ଟିରେ ସମାନ। ସୁତରାଂ ସମାନତା ପାଇଁ ଦେଶ ଓ ବର୍ଣ୍ଣର ଭେଦ ରହିବା ଉଚିତ ନୁହେଁ।
-ସ୍ୱାମୀ ଦୟାନନ୍ଦ ସରସ୍ୱତୀ



## ସଂକ୍ଷେପରେ

### ଅସୁରକ୍ଷିତ ବୁର୍ଡା ଜଗନ୍ନାଥ ମନ୍ଦିର

**ଲୋଇସିଂହା,୨୬।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଅଧୀନ ବୁର୍ଡା ଗ୍ରାମ ଜଗନ୍ନାଥ ମନ୍ଦିର ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ହୋଇପଡିଛି। ମରାମତି ଅଭାବରୁ ବର୍ଷା ଦିନେ ମନ୍ଦିର ଛାତରୁ ପାଣି ଝରୁ ଥିବା ବେଳେ ମନ୍ଦିରର ବିଭିନ୍ନ ସ୍ଥାନରୁ ସିମେଣ୍ଟ ଅତଡା ଖସି ଲୁହା ରଡ ଦେଖାଯାଉଛି। ହେଲେ ମନ୍ଦିର ମରାମତି ନେଇ ପ୍ରଶାସନ ପକ୍ଷରୁ ସହାୟତା ମିଳୁ ନ ଥିବା ବେଳେ ଏନେଇ ଗ୍ରାମ୍ୟ କମିଟି ଚିନ୍ତିତ ହୋଇପଡିଛନ୍ତି। ସୂଚନା ଯୋଗ୍ୟ, ବୁର୍ଡା ଗ୍ରାମରେ କେଉଁ କାଳରୁ ୩ ଠାକୁର ପୂଜା ପାଉଛନ୍ତି। ୪୦ ବର୍ଷ ତଳେ ଠାକୁର ଏକ ମାଟିଘରେ ପୂଜା ପାଉଥିଲେ। ପରବର୍ତ୍ତି ସମୟରେ ଗ୍ରାମବାସୀ ଚାନ୍ଦା ଆଦାୟ କରି ମନ୍ଦିର ନିର୍ମାଣ କରିଥିଲେ। ଇତିମଧ୍ୟରେ ମନ୍ଦିର ପାଖାପାଖି ୩୫ ବର୍ଷ ହେଲାଣି। ବର୍ତ୍ତମାନ ମନ୍ଦିରର ରକ୍ଷଣାବେକ୍ଷଣ ଅଭାବରୁ ମନ୍ଦିର ଛାତରେ ଫାଟ ସୃଷ୍ଟି ହୋଇଛି। ହେଲେ ମନ୍ଦିର ସୁରକ୍ଷା ପ୍ରତି ପ୍ରଶାସନ ଆଖି ବୁଜି ଦେଇଥିବା ବେଳେ ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ମଧ୍ୟ କୌଣସି ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ଏନେଇ ଗ୍ରାମ୍ୟ କମିଟି ସଭ୍ୟଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରଥଯାତ୍ରା ଅବ୍ୟବହିତ ପୂର୍ବରୁ ଗ୍ରାମ୍ୟ କମିଟି ପାଣ୍ଠିରୁ ଛାତ ମରାମତି ପାଇଁ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ହେଲେ ସ୍ୱଳ୍ପ ଟଙ୍କାରେ ମରାମତି କାର୍ଯ୍ୟ ଅସମ୍ଭବ ହୋଇ ପଡିଥିବା ପଞ୍ଚୁ ସା, ସାଦନନ୍ଦ ବାରିକ ପ୍ରମୁଖ କହିଛନ୍ତି। ଏନେଇ ଦେବୋତ୍ତର ବିଭାଗ ପକ୍ଷରୁ ସହାର୍ଯ୍ୟ ନେଇ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ଗ୍ରାମ୍ୟ କମିଟି ଓ ଗ୍ରାମାବସୀ ଦାବି କରିଛନ୍ତି।

### କଳାପଥର ଡାକ ପିଅନଙ୍କୁ ହତ୍ୟା ଘଟଣା: ଅଭିଯୁକ୍ତଙ୍କୁ ଗିରଫ ଦାବି

**ସୋନପୁର,୨୬।୬(ନି.ପ୍ର):** ସୋନପୁର ଥାନା ଏସ୍ କଳାପଥର ଡାକ ପିଅନ ଶତ୍ରୁଘ୍ନ ଷାଣ୍ଢ(୫୫)ଙ୍କୁ ଗତ ମାର୍ଚ୍ଚ ୨୦ ତାରିଖ ଭୋର ସମୟରେ ଦୁର୍ବୃତ୍ତମାନେ ନିର୍ମମ ଭାବେ ହତ୍ୟା କରିଥିଲେ। ଏକାଧିକ ଲୋକ ତାଙ୍କୁ ଗୋଡାଇ ଧାରୁଆ ଅସ୍ତ୍ରରେ ହାଣି ହତ୍ୟା କରିଥିବା ସ୍ପଷ୍ଟ ହୋଇଥିଲା। ତେବେ ହତ୍ୟା ଘଟଣାର ୩ ମାସରୁ ଊର୍ଦ୍ଧ୍ୱ ବିତିଥିଲେ ମଧ୍ୟ ସୋନପୁର ଥାନା ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇପାରି ନାହିଁ। ଏନେଇ ବୁଧବାର ମୃତ ଶତ୍ରୁଘ୍ନଙ୍କ ପୁଅ ଗୁରୁଦେବ ଷାଣ୍ଢ, କ୍ଷିତିଶ ଷାଣ୍ଢ, ଗ୍ରାମବାସୀ ଜ୍ୟୋତିରଞ୍ଜନ ଷାଣ୍ଢ, ପ୍ରମୁଖ ଏସ୍‌ପି ଦେବୀପ୍ରସାଦ ଦାଶଙ୍କୁ ଭେଟି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ ଦାବି କରିଥିଲେ।

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘର ବୈଠକ

# ୧୧ ଜିଲାରେ ସଙ୍ଗଠନକୁ ସୁଦୃଢ଼ କରାଯିବ

ବଲାଙ୍ଗୀର ଅଫିସ, ୨୬।୬




ପଶ୍ଚିମ ଓଡିଶା ବରିଷ୍ଠ ନାଗରିକ ସମାବେଶରେ ମଞ୍ଚାସୀନ କାର୍ଯ୍ୟକର୍ତ୍ତା ଓ ଅତିଥି।

ପଶ୍ଚିମ ଓଡ଼ିଶା ବରିଷ୍ଠ ନାଗରିକ ସଂଘ ବଲାଙ୍ଗୀର ଜିଲା ଶାଖାର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ସାମ୍ବାଦିକ ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଗୁରୁଶ୍ରୀ ଘାସିରାମ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଭିନ୍ନ ଜିଲାର ପ୍ରତିନିଧି ଯୋଗ ଦେଇଥିଲେ। ପଶ୍ଚିମ ଓଡ଼ିଶାର ୧୧ଟି ଜିଲାକୁ ନେଇ ଏକ ସକ୍ରିୟ ସଂଘ ଗଠନ ଉପରେ ଆଲୋଚନା ହୋଇଥିଲା। ଏହି ସଂଘ ପଶ୍ଚିମ ଓଡ଼ିଶାର ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ଓ ଦାବିକୁ ପୂରଣ କରିବା ଦିଗରେ କାର୍ଯ୍ୟ କରିବ ବୋଲି ଆଲୋଚନା ହୋଇଥିଲା। ପଶ୍ଚିମ ଓଡ଼ିଶା ସଙ୍ଗଠନ ଦାୟିତ୍ୱରେ ଥିବା ବରଗଡ଼ର ଅମୂଲ୍ୟ ପତି ଏବଂ ପ୍ରହ୍ଲାଦ ମହାପାତ୍ର ଅତିଥି ଭାବେ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ସମ୍ପାଦକ ବସନ୍ତ କୁମାର ଆଚାର୍ଯ୍ୟ ବୈଠକର ଆଭିମୁଖ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସମସ୍ତଙ୍କୁ ଅବଗତ କରିଥିଲେ। ପରେ ଗୁରୁଶ୍ରୀ ମିଶ୍ର ଉପସ୍ଥିତ ସମସ୍ତ ବରିଷ୍ଠ ସଭ୍ୟଙ୍କୁ ଉର୍ଦ୍ଦିଷ୍ଟ ସଂଘ ପାଇଁ ଏକ ବିଧିବଦ୍ଧ ସମ୍ବିଧାନ ପ୍ରଣୟନ କରାଯାଇ ଯଥାଶୀଘ୍ର ପଞ୍ଜୀକରଣ କରିବାକୁ ଉଦ୍ୟମ ଚାଲିଥିବା ସୂଚନା ଦେଇଥିଲେ। ଅତିଥି ପତି ଓ ମହାପାତ୍ର ପଶ୍ଚିମ ଓଡ଼ିଶାରେ ଏକ ଶକ୍ତିଶାଳୀ ସଙ୍ଗଠନ କରିବା ଦିଗରେ ସମସ୍ତଙ୍କ ସହଯୋଗ ଲୋଡା ବୋଲି କହିଥିଲେ। ବୈଠକରେ ବରିଷ୍ଠ ନାଗରିକମାନଙ୍କ ମଧ୍ୟରୁ ପ୍ରତାପ ଚନ୍ଦ୍ର ରଥ, କପିଳେଶ୍ୱର ଖମାରୀ, ନୀଳାଞ୍ଚଳ ହୋତା, ଯୁଧିଷ୍ଠିର ମିଶ୍ର ଆଲୋଚନାରେ ଅଂଶଗ୍ରହଣ କରି ବିଭିନ୍ନ ପ୍ରକାର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସଭାରେ ମଞ୍ଚାସୀନ ବରିଷ୍ଠ ସଦସ୍ୟ ବିକ୍ରମାନନ୍ଦ ବହିଦାର ବରିଷ୍ଠ ନାଗରିକ ସଂଘ କିଭଳି ପଶ୍ଚିମ ଓଡ଼ିଶାରେ ଏକତା ସୃଷ୍ଟି କରିପାରିବ ସେ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଯୋଗଦେଇ ଗୋପାଳଜୀ ପାଣିଗ୍ରାହୀ ବରିଷ୍ଠ ନାଗରିକମାନଙ୍କ ପାଇଁ ଏକ ସଙ୍ଗଠନ ଆବଶ୍ୟକ ବୋଲି କହିଥିଲେ। ବରିଷ୍ଠ ନାଗରିକମାନଙ୍କ ବିଭିନ୍ନ ଦାବିକୁ ସେ ସମର୍ଥକ କରିବେ ବୋଲି କହିଥିଲେ। ବୈଠକରେ ବଲାଙ୍ଗୀରର ବହୁ ସଦସ୍ୟ ଉପସ୍ଥିତ ଥିଲେ।

### ୬୦ ଲିଟର ଦେଶୀ ରନ୍ଧାମଦ ଜବତ: ଜଣେ ଗିରଫ

ଟିଟିଲାଗଡ଼,୨୬।୬(ଡି.ଏନ.ଏ.)

ଅବକାରୀ ବିଭାଗ ବୁଧବାର ବଲାଙ୍ଗୀର ଜିଲା ଟିଟିଲାଗଡ଼ ଥାନା ଅଧୀନ ପଥର୍ଲା ଗ୍ରାମରେ ଚଢ଼ାଉ କରିଥିଲା। ଚଢାଉବେଳେ ଅଧିକାରୀମାନେ ଜଗନ୍ନାଥ ରଣାଙ୍କ ଘରରୁ ୬୦ ଲିଟର ରନ୍ଧାଦେଶୀ ମଦ ଜବତ କରି ତାଙ୍କୁ ଗିରଫ କରିଥିଲେ। ଏନେଇ ଅବକାରୀ ବିଭାଗ ଏକ ମାମଲା(ନଂ.୨୭/୧୯) ମାମଲା ରୁଜୁ କରି ଜଗନ୍ନାଥଙ୍କୁ କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ଅବକାରୀ ଉପ ନିରୀକ୍ଷକ ଗୋବର୍ଦ୍ଧନ ରଣା ସୂଚନା ଦେଇଛନ୍ତି। ଚଢ଼ାଉରେ ଏଏସ୍‌ଆଇ ବୁଦ୍ଧଦେବ ପୁଟେଲ, ଆର୍ତ୍ତତ୍ରାଣ ବହିଦାର, ସମୀର ଭୋଇ, ତିଲୋତ୍ତମା ନାଗ ପ୍ରମୁଖ ସାମିଲ ଥିଲେ।

## କାର୍ଯ୍ୟକ୍ଷମ ହେଉନି ଜନସୁବିଧା କେନ୍ଦ୍ର

ସଇଁତଲା,୨୬।୬(ଡି.ଏନ୍.ଏ.)



- ପାଲଟିଛି ଅସାମାଜିକଙ୍କ ଆଡ୍ଡାସ୍ଥଳୀ
- ଚାଳକଙ୍କଠାରୁ ଆଦାୟ ହେଉଛି ଦାଦାବଟି

ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ରାସ୍ତାରେ ଯିବା ଆସିବା କରୁଥିବା ଭାରୀଯାନ ଚାଳକ ଓ ଖଲାସୀମାନଙ୍କ ସୁବିଧା ନେଇ କୋଟି କୋଟି ଟଙ୍କା ବ୍ୟୟରେ ଜନସୁବିଧା କେନ୍ଦ୍ର କରାଯାଉଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁ ଏହା କାର୍ଯ୍ୟରେ ଆସୁ ନ ଥିବା ଅଭିଯୋଗ ହେଉଛି।

ସଇଁତଲା ବ୍ଲକ ବେଲଗାଁ ତେଲ ନଦୀ ନିକଟ ୨୬ନମ୍ବର ଜାତୀୟ ରାଜପଥ କଡରେ ଟ୍ରକ ସମେତ ଅନ୍ୟ ଭାରିଯାନ ରଖିବା ତଥା ସମ୍ପୃକ୍ତ ଗାଡିରେ କାର୍ଯ୍ୟରତ କର୍ମଚାରୀଙ୍କ ଶୌଚ, ସ୍ନାନ ତଥା ବିଶ୍ରାମ ନେବା ପାଇଁ ଜାତୀୟ ରାଜପଥ ବିଭାଗ ପକ୍ଷରୁ ପ୍ରାୟ ଦୁଇ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଜନସୁବିଧା କେନ୍ଦ୍ର ନିର୍ମାଣ କରାଯାଇଛି। ଏହାର ନିର୍ମାଣ କାର୍ଯ୍ୟ ବର୍ଷେ ହେଲା ଶେଷ ହୋଇଛି। ହେଲେ ବର୍ତ୍ତମାନ ସୁଦ୍ଧା ଏହା କାର୍ଯକ୍ଷ୍ୟମ ହୋଇପାରୁନାହିଁ। ଫଳରେ ଉକ୍ତ ଜନସୁବିଧା କେନ୍ଦ୍ରରେ ତାଲା ଝୁଲୁଥିବା ବେଳେ ଏହା ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳ ପାଲଟିଛି। ଫଳରେ ସନ୍ଧ୍ୟାରେ ଉକ୍ତ ଅଞ୍ଚଳରେ ଗାଡ଼ି ରଖିବା ପାଇଁ ଚାଳକମାନେ ନିଜକୁ ଭୟ ମନେ କରୁଛନ୍ତି। ସେହିପରି ସମ୍ପୃକ୍ତ ଅଞ୍ଚଳରେ କେତେକ ଅସାମାଜିକ ବ୍ୟକ୍ତି ଗାଡ଼ି ଚାଳକଙ୍କଠାରୁ ଦାଦାବଟି ଆଦାୟ କରୁଥିବା ଅଭିଯୋଗ ହୋଇଛି। ଏ ନେଇ ଏନଏଚ୍ ବିଭାଗ କନିଷ୍ଠ ଯନ୍ତ୍ରୀ ହରେନ୍ଦ୍ର ଆଚାର୍ଯ୍ୟଙ୍କୁ ପଚାରିବାରୁ ନିର୍ମିତ ଗୃହର ରକ୍ଷଣାବେକ୍ଷଣ ତଥା ପରିଚାଳନା ପାଇଁ ଅଦ୍ୟାବଧି ଟେଣ୍ଡର ହୋଇ ନ ଥିବା ଯୋଗୁ ଏହା ଲୋକଙ୍କ କାମରେ ଆସିପାରୁ ନ ଥିବା କହିଥିଲେ।

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜ

## ବିଏଏମ୍‌ଏସ୍‌ରେ ବଢ଼ିବ ୧୫ ସିଟ୍

ବଲାଙ୍ଗୀର ଅଫିସ, ୨୬।୬

ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜରେ ଅଣ୍ଡର ଗ୍ରାଜୁଏଶନ୍ (ବିଏଏମ୍‌ଏସ୍) ଶ୍ରେଣୀରେ ଅଧିକ ୧୫ଟି ସିଟ୍ ବଢ଼ିବ। ଆର୍ଥିକ ଅନଗ୍ରସର ବର୍ଗଙ୍କ ସଂରକ୍ଷଣ(ଇଡବ୍ଲ୍ୟୁଏସ୍) ଲାଗୁହେବା ପରେ କଲେଜରେ ଆହୁରି ୧୫ ସିଟ୍ ବୃଦ୍ଧି ପାଇବ ବୋଲି ଜଣାପଡିଛି। ଚଳିତ ଶିକ୍ଷାବର୍ଷରୁ ଇଡବ୍ଲ୍ୟୁଏସ୍ ଲାଗୁ କରିବା ପାଇଁ ସରକାର ନିଷ୍ପତ୍ତି ପରେ ଆୟୁଷ ମନ୍ତ୍ରଣାଳୟ ପକ୍ଷରୁ ଏନେଇ ସୂଚନା ଦିଆଯାଇଥିଲା। ବଲାଙ୍ଗୀର ସରକାରୀ ଆୟୁର୍ବେଦିକ କଲେଜର ବର୍ତ୍ତମାନର ସିଟ୍ ସଂଖ୍ୟା ଦୃଷ୍ଟିରୁ ୨୫ ପ୍ରତିଶତ ଇଡବ୍ଲ୍ୟୁଏସ୍ ଲାଗୁ ହେଲେ ଏହି କଲେଜରେ ଆହୁରି ୧୫ ସିଟ୍ ବୃଦ୍ଧି ପାଇବ। ଏହି ସଂକ୍ରାନ୍ତରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ଦିଆଯାଇଥିବା କଲେଜ ଅଧ୍ୟକ୍ଷ ଡା. ଅରୁଣ କୁମାର ଦାସ ସୂଚନା ଦେଇଛନ୍ତି।

## ମାଳପଡ଼ା ଆଶ୍ରମ ସ୍କୁଲ ପରିଦର୍ଶନ କଲେ ପିଡି

ଲାଠୋର,୨୬।୬(ଡି.ଏନ.ଏ.)



ମାଳପଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି ବଲାଙ୍ଗିର ପିଡି।

ଅନୁସୂଚିତ ଜାତି ଜନଜାତି ବିଭାଗ ପକ୍ଷରୁ ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମାଳପଡ଼ାଠାରେ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି। ଉକ୍ତ ବିଦ୍ୟାଳୟରେ ୭ ଶହରୁ ଊର୍ଦ୍ଧ୍ୱ ଅନ୍ତେବାସୀ ରହି ଶିକ୍ଷା ଗ୍ରହଣ କରୁଛନ୍ତି। ଏନେଇ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିଲେ ହେଁ ବିଭାଗୀୟ ଅଧିକାରୀଙ୍କର ଅପାରଗତା ଯୋଗୁ ଛାତ୍ରୀଛାତ୍ରମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଥିଲା। ଏନେଇ ଜିଲା ଯୋଜାନ ବୋର୍ଡ ସଦସ୍ୟ ତଥା ଆଦିବାସୀ ଉନ୍ନୟନ ବିଭାଗର ସଦସ୍ୟ ସତ୍ୟନାରାୟଣ ଭୋଇ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ପରିଦର୍ଶନରେ ବେଳେ ସେ ବିଦ୍ୟାଳୟରେ ବିଭିନ୍ନ ଅବ୍ୟବସ୍ଥା ଦେଖିବାକୁ ପାଇଲେ। ଏନେଇ ସେ ବଲାଙ୍ଗୀର ଜିଲାପାଳ, ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ଅଭିଯୋଗକୁ ଭିତ୍ତିକରି ବୁଧବାର ବଲାଙ୍ଗୀର ପ୍ରକଳ୍ପ ନିର୍ଦ୍ଦେଶକ ଡ.ମହେଶ୍ୱର ସ୍ୱାଇଁଙ୍କ ସହ ଖପ୍ରାଖୋଲ ବିଡିଓ ତରଣି ସୁନା, ସହକାରୀ ଯନ୍ତ୍ରୀ ସୌମ୍ୟ କିଶୋର ଜୟପୁରିଆ, କନିଷ୍ଠ ଯନ୍ତ୍ରୀ ଲିନମୟ ସ୍ୱାଇଁ, ଜୋନ ୩ ଜିଲା ପରିଷଦ ସଭ୍ୟ ବିପ୍ର ବିଶି, ସତ୍ୟନାରାୟଣ ଭୋଇ ପ୍ରମୁଖ ବିଦ୍ୟାଳୟ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ଏନେଇ ପିଡି ସ୍ୱାଇଁଙ୍କୁ ପଚାରିବାରୁ ବିଦ୍ୟାଳୟରେ ଯେଉଁ କାମ ହୋଇଛି ତାହା ଦୁର୍ବଳ ହୋଇଛି। ନୂଆ ଯେଉଁ କାମ ଚାଲିଛି ତାହା ସରିଲା ପରେ ଜଣାପଡିବ ବୋଲି କହିଥିଲେ। ଏନେଇ ଆଗାମୀ ଦିନରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାହା ଅଞ୍ଚଳବାସୀ ଦେଖିବାକୁ ବାକି ରହିଲା ବୋଲି ଚର୍ଚ୍ଚା ହେଉଛି।



ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିବା ମହିଳାମାନେ।

## ମଦ କାରବାର ବନ୍ଦ ଦାବି: ଥାନାର ଦ୍ୱାରସ୍ଥ ମହିଳା

**ଲୋଇସିଂହା,୨୬।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା କୁଟାସିଂହା ପଞ୍ଚାୟତ ଅଧୀନ ଡୁଙ୍ଗରିପାଲି ଗ୍ରାମର ସ୍ୱୟଂସହାୟିକା ଗୋଷ୍ଠୀର ମହିଳାମାନେ ଗ୍ରାମରେ ମଦ କାରବାର ବନ୍ଦ କରିବା ଦାବି କରି ଲୋଇସିଂହା ଥାନାର ଦ୍ୱାରସ୍ଥ ହୋଇଥିଲେ। ଏପରି କି ମଦ କାରବାରରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ମହିଳାମାନେ ଚେତାବନୀ ଦେଇଛନ୍ତି। ଅଭିଯୋଗ ମୁତାବକ, ଡୁଙ୍ଗରିପାଲିଗ୍ରାମରେ କେତେକ ଅସାଧୁ ବ୍ୟକ୍ତି ଖୋଲାଖୋଲି ମଦ କାରବାର ଚଳାଇଛନ୍ତି। ଫଳରେ ଗାଁରେ ମଦୁଆଙ୍କ ପ୍ରାଦୁର୍ଭାବରେ ବଢିବାରେ ଲାଗିଛି। ଏନେଇ ତୁରନ୍ତ ମଦକାର ବନ୍ଦ କରିବାକୁ ଦାବି ହୋଇଛି।

■ ବନ ବିଭାଗର ଅଜବ ନୀତି

## ଜବତ ପରେ ଫେରାଇ ଦିଆଗଲା କାଠ ସାମଗ୍ରୀ

ଲାଠୋର,୨୬।୬(ଡି.ଏନ.ଏ.)



ଜବତ ହୋଇଥିବା ପଲଙ୍କକୁ ଲାଠୋର ବନ ବିଭାଗ କାର୍ଯ୍ୟାଳୟରୁ ଫେରାଇ ନିଆଯାଉଛି।

ବନ ବିଭାଗର ଅବହେଳା ଯୋଗୁ ବଲାଙ୍ଗୀର ଜିଲା ଲାଠୋର ରେଞ୍ଜ ଅଧୀନରେ ଥିବା ପ୍ରାୟ ଜଙ୍ଗଲ ଦିନକୁ ଦିନ ଧ୍ୱଂସ ହେବାରେ ଲାଗିଛି। ଏପରିସ୍ଥିତିରେ ବିଭାଗୀୟ କର୍ମଚାରୀଙ୍କ ଅଜବନୀତି ପଦାରେ ପଡିଛି। ଗତ ୯ତାରିଖରେ ବଲାଙ୍ଗୀର ବନ ବିଭାଗ ଡିଏଫଓଙ୍କ ନେତୃତ୍ୱରେ ଏକ ଟିମ୍ ଲାଠୋର ଗ୍ରାମର ଓମ ଫର୍ଣ୍ଣିଚର ଦୋକାନ ଏବଂ ଗୋଦାମରେ ଚଢ଼ାଉ କରି ପାଖାପାଖି ୨୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ସାଗୁଆନ କାଠ, ପଟା, ଅର୍ଦ୍ଧନିର୍ମିତ ବିଭିନ୍ନ ଧରଣର ପଲଙ୍କ, ସୋଫା, ଡାଇନିଙ୍ଗ ଟେବୁଲ ସହ ବିପୁଳ ପରିମାଣର କାଠ ଜବତ କରାଯାଇଥିଲା। ଏନେଇ ବନ ବିଭାଗ ବେଆଇନ କାଠ କାରବାର ଅଭିଯୋଗରେ ଏକ ମାମଲା ରୁଜୁ କରି ଦୋକାନ ମାଲିକ ପବନ ଶର୍ମା, ମୁକେଶ ଶର୍ମା ଏବଂ ୪ଜଣ ମିସ୍ତ୍ରୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ହେଲେ ପରବର୍ତ୍ତୀ ସମୟରେ ପବନଙ୍କ ପରିବାର ଲୋକେ ମୌଖିକ ଭାବେ ଅଧିକାରୀଙ୍କୁ ଗୁହାରୀ କରିଥିଲେ ଯେ, ଘରର ୨ଟି ପୁରୁଣା ପଲଙ୍କ ଜବତ ହୋଇଛି। ତାହା ଫେରାଇ ଦେବାକୁ କହିଥିଲେ। ଏ ନେଇ ଅଧିକାରୀମାନେ ଜବତ ହୋଇଥିବା କୌଣସି ସାମଗ୍ରୀ ଫେରା ଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ହେଲେ ବୁଧବାର ଲାଠୋର ଫରେଷ୍ଟରଙ୍କ ଉପସ୍ଥିତିରେ ଜବତ ୨ଟି ଦାମି ପଲଙ୍କକୁ ପବନଙ୍କ ପରିବାର ଲୋକଙ୍କୁ ଫେରାଇ ଦିଆଯାଇଛି। ଏନେଇ ଫରେଷ୍ଟର ନନ୍ଦକିଶୋର ଦାସଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ଆଦେଶ ଅନୁଯାୟୀ ୨ଟି ପଲଙ୍କ ଫେରାଇ ଦିଆଯାଇଥିବା କହିଥିଲେ। ଏନେଇ ଏସିଏଫ ବାବାଜି ଚରଣ ରାଉଲଙ୍କୁ ପଚାରିବାରୁ ସେ କହିଲେ ଉକ୍ତ ପଲଙ୍କର କାଗଜପତ୍ର ଦେଖି ତଦନ୍ତ କରିବା ପାଇଁ କୁହାଯାଇଥିଲା। ପଲଙ୍କ ଫେରାଇ ଥିବା ଘଟଣା ସଂକ୍ରାନ୍ତରେ ଫରେଷ୍ଟରଙ୍କୁ ପଚାରି କହିବେ କହି ଫୋନ କାଟି ଦେଇଥିଲେ। ଅନ୍ୟପକ୍ଷେ ଜବତ ହୋଇଥିବା ପଲଙ୍କର ମାଲିକ ବନ ବିଭାଗ କାର୍ଯ୍ୟାଳୟରେ କୌଣସି ଲିଖିତ ଦାବି କରିନାହାନ୍ତି। ମୌଖିକ କହିବାକୁ ଗୁରୁତ୍ୱ ଦେଇ ଜବତ ହୋଇଥିବା ପଲଙ୍କକୁ ଫେରାଇବା କେତେଦୂର ଯୁକ୍ତିଯୁକ୍ତ ଏହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। ତେବେ ଆଗାମୀ ଦିନରେ ଜବତ ହୋଇଥିବା କାଠ ମିଲର ଯନ୍ତ୍ରାଂଶ ମଧ୍ୟ ବିଭାଗୀୟ ଅଧିକାରୀମାନଙ୍କ ନିର୍ଦ୍ଦେଶରେ ଫେରେଇ ଦିଆ ନ ଯିବ ସେନେଇ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଫଟୋରେ ଖବର









ଅନ୍ତର୍ଜାତୀୟ ନିଶା ନିବାରଣ ଦିବସ ଅବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ସଂସ୍ଥା ପକ୍ଷରୁ ବାହାରିଥିବା ଶୋଭାଯାତ୍ରାରେ ନିଶା ମୁକ୍ତି ସଚେତନତା ସୃଷ୍ଟି କରାଯାଉଛି (ବାମ)। ଅନ୍ତର୍ଜାତୀୟ ନିଶା ନିବାରଣ ଦିବସରେ ବଲାଙ୍ଗୀର ଅବକାରୀ ବିଭାଗ ବାହାରିଥିବା ସଚେତନତା ରାଲି (ମଝି)। ବଲାଙ୍ଗୀର ହାତୀଶାଳପଡ଼ା ରାସ୍ତାରେ ଡ୍ରେନ୍ ଓ ରାସ୍ତା ତିଆରି ହେଉ ନ ଥିବାରୁ ସ୍କୁଲ ପିଲାମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। (ଫଟୋ-ସୁନୀଲ)

ଧରିତ୍ରୀ
DHARITRI
ସମ୍ବଲପୁର, ଗୁରୁବାର, ୨୭ ଜୁନ,୨୦୧୯



ଅଙ୍କକୁ ବୁଝାଇବା ସହଜ, ବିଜ୍ଞକୁ ବୁଝାଇବା ଆହୁରି ସହଜ; କିନ୍ତୁ ଅଳ୍ପ ଜ୍ଞାନରେ ଯିଏ ଉଦ୍ଧତ, ତାଙ୍କୁ ସ୍ୱୟଂ ବ୍ରହ୍ମା ମଧ ସନ୍ତୁଷ୍ଟ କରିପାରିବେ ନାହିଁ।
-ସର୍ବପଲ୍ଲୀ ରାଧାକ୍ରିଷ୍ଣନ



## ସଂକ୍ଷେପରେ

■ ମନୋହରପୁର ଖଣି ବିସ୍ଥାପନ ମାମଲା

### ୧୧ ପରିବାର ଏବେବି ଅନ୍ଧାରରେ

**ହେମଗିର, ୨୬।୬ (ଡି.ଏନ.ଏ):** ହେମଗିର ବ୍ଲକର ମନୋହରପୁର କୋଇଲା ଖଣି ଓସିପିଏଲ (ଓଡିଶା କୋଲ ଏଣ୍ଡ ପାୱାର ଲିମିଟେଡ) ଦ୍ୱାରା ଅଧିକୃତ ହେବା ପରେ ଦୁଇ ଶହରୁ ଅଧିକ ପରିବାର ଏଥିରେ ବିସ୍ଥାପିତ ହେବା ପାଇଁ ସରକାରଙ୍କ ତରଫରୁ ଘୋଷଣା କରାଗଲା । କମ୍ପାନୀକୁ କୋଇଲା ମନ୍ତ୍ରଣାଳୟ ୨୦୦୬ରୁ ଅନୁମତି ଦେଇଥିଲେ ହେଁ କମ୍ପାନୀ ସମସ୍ୟା ଦେଇ ଗତି କରିବାରୁ ବିସ୍ଥାପିତ ପାଇଁ ଦୀର୍ଘ ୧୦ବର୍ଷରୁ ଉର୍ଦ୍ଧ ସମୟ ଲାଗିଥିଲା । ଏ ଭିତରେ ପ୍ରଥମ ପର୍ଯ୍ୟାୟରେ ୧ଶହରୁ ଉର୍ଦ୍ଧ୍ୱ ପରିବାର ବିସ୍ଥାପିତ ହୋଇଥିଲେ ହେଁ ବାକି ଶହେରୁ ଉର୍ଦ୍ଧ୍ୱ ପରିବାର ଚାକିରୀ, ଜଙ୍ଗଲଜମିର କ୍ଷତିପୂରଣ ଦାବିରେ ଅଟକି ରହିଥିଲେ। ପରେ ପ୍ରଶାସନ ଓ କମ୍ପାନୀର ମିଳିତ ସହଯୋଗରେ ୧୧ ପରିବାରକୁ ଛାଡି ଅନ୍ୟ ସମସ୍ତ ପରିବାର କଲୋନୀକୁ ଚାଲିଯାଇଥିଲେ। ଏହି ୧୧ ପରିବାର ଭିତରୁ ଗୋଟାଏ ପରିବାର କୋର୍ଟର ଦ୍ୱାରସ୍ଥ ହେବା ଫଳରେ ତାଙ୍କୁ ବର୍ଗ (କ)ରେ ସାମିଲ କରିବା ସହ ସମସ୍ତ ସୁବିଧା ସୁଯୋଗ ଦେବା ପାଇଁ କୋର୍ଟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବାକି ୧୦ ପରିବାରର ବିସ୍ଥାପିତ ତାଲିକାରେ ସେମାନଙ୍କ ନାମ ନ ଥିବାରୁ ତାଙ୍କୁ ବିସ୍ଥାପିତ କରାଯାଇ ପାରୁନାହିଁ ବୋଲି କମ୍ପାନୀ କହୁଛି। ଏପରି ସ୍ଥିତିରେ ବର୍ତ୍ତମାନ ସେହି ପରିବାରମାନେ ତାଙ୍କ ଭିଟାମାଟିରେ ପଡି ରହିଛନ୍ତି । ହେଲେ ସବୁଠାରୁ ପରିତାପର ବିଷୟ ସେଠିକାର ବିଦ୍ୟୁତ ସଂଯୋଗକୁ କାଟି ଦେଇ ସେମାନଙ୍କୁ ଅନ୍ଧାରରେ ରଖି ଦିଆଯାଇଛି। ଏହାକୁ ନେଇ ଗ୍ରାମବାସୀ ଏହା କମ୍ପାନୀ ଓ ପ୍ରଶାସନର ଚକ୍ରାନ୍ତରେ କାଟି ଦିଆଯାଇଛି ଓ ଏହା ତାଙ୍କୁ ନିର୍ଯ୍ୟାତନା ଦିଆଯାଉଛି କହି ସ୍ଥାନୀୟ ବିଧାୟିକାଙ୍କୁ ଜଣାଇଛନ୍ତି। ସେମାନଙ୍କ ସମାଧାନ ତଥା ବିସ୍ଥାପିତ ନ ହେଲା ଯାଏ ବିଦ୍ୟୁତ ସଂଯୋଗ ଦିଆଯାଉ ବୋଲି ଦାବି କରିବା ସହ ଆନ୍ଦୋଳନର ଚେତାବନୀ ଦେଇଛନ୍ତି।

### ଚାରି ନାଗସାପ ଉଦ୍ଧାର

**ବୌଦ୍ଧ,୨୬।୬(ସ୍ୱ.ପ୍ର):** ବୌଦ୍ଧ ଜିଲ୍ଲା ସ୍ନେକ ହେଲପଲାଇନ ପକ୍ଷରୁ ହରଭଙ୍ଗା ବ୍ଲକ ବନ୍ଧାପଥର ଗ୍ରାମର ଲକ୍ଷବଚ୍ଛ ପ୍ରଧାନ ଓ ନକୁଆନାଳୀ ଗ୍ରାମର ବିଦ୍ୟାଧର ପାତ୍ରଙ୍କ ଘରୁ ଗୋଟିଏ ଲେଖାଏଁ ନାଗସାପ ଉଦ୍ଧାର କରାଯାଇଛି । ସେହିପରି ବୌଦ୍ଧ ବ୍ଲକ ତେତେଲେଙ୍ଗା ଗ୍ରାମର ରଜନିକାନ୍ତ ମଲ୍ଲିକ ଓ କନକପୁର ଗ୍ରାମର ତପନ କୁମାର ସାହୁଙ୍କ ଘରୁ ମଧ୍ୟ ଦୁଇଟି ନାଗସାପ ଉଦ୍ଧାର କରାଯାଇଛି। ଉକ୍ତ ସାପଗୁଡିକୁ ଦେବଗଡ ଜଙ୍ଗଲରେ ଛଡାଯାଇଥିବା ଜଣାପଡିଛି ।

■ ହେମଗିର ପଞ୍ଚାୟତ ସମିତି ବୈଠକରେ ବିଧାୟିକାଙ୍କ ଆଚରଣର ପ୍ରତିବାଦ

# ଶୋଭାଯାତ୍ରା ସହ ପ୍ରତିବାଦ ସଭା, ସ୍ମାରକପତ୍ର

**ସୁନ୍ଦରଗଡ଼, ୨୬।୬ (ଡି.ଏନ୍.ଏ)**

■ସରକାରୀ ଅଧିକାରୀ, କର୍ମଚାରୀଙ୍କ ସୁରକ୍ଷା ଦାବି କଲା ବିଜେଡ଼ି

■ବିଧାୟିକା ତାଙ୍କ ବିରୋଧରେ ଅଭିଯୋଗକୁ ଦୃଢ ଖଣ୍ଡନ କଲେ

ସୁନ୍ଦରଗଡ ନବନିର୍ବାଚିତା ବିଧାୟିକା କୁସୁମ ଟେଟେ ନିଜର ୨ଜଣ ସମର୍ଥକଙ୍କୁ ଗତ ୧୯ ତାରିଖରେ ଅନୁଷ୍ଠିତ ହେମଗିର ପଞ୍ଚାୟତ ସମିତି ବୈଠକରେ ସଭା ମଞ୍ଚରେ ବସାଇବା ଓ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉଠ୍‌ବସ୍ କରିବାକୁ ଧମକ ଦେବା ଘଟଣାରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏହାର ପ୍ରତିବାଦରେ ବୁଧବାର ସୁନ୍ଦରଗଡ ବିଧାନସଭା ନିର୍ବାଚନ ମଣ୍ଡଳୀ ବିଜୁ ଜନତା ଦଳ (ବିଜେଡ଼ି) ପକ୍ଷରୁ ଶୋଭାଯାତ୍ରା ହୋଇଥିଲା। ସ୍ଥାନୀୟ ଡିଆରଡିଏ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ବିଧାୟିକାଙ୍କ ଏଭଳି କାର୍ଯ୍ୟକଳାପକୁ ଏହି ସଭାରେ ଦୃଢ ନିନ୍ଦା କରାଯାଇ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ସୁରକ୍ଷା ଦାବିରେ ଦଳ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ସାକ୍ଷାତକରି ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବିଜେଡ଼ି କାର୍ଯ୍ୟାଳୟରୁ ଶତାଧିକ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ଡିଆରଡିଏ ଛକଠାରେ ପହଞ୍ଚିଥିଲେ। ସେଠାରେ ବରିଷ୍ଠ ନେତା ଜୟନାରାୟଣ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ପ୍ରତିବାଦ ସଭା ହୋଇଥିଲା। ହେମଗିର ବ୍ଲକ ଅଧ୍ୟକ୍ଷା ସୁଧାରାଣୀ ରାଉଡିଆ,



ସୁନ୍ଦରଗଡ଼ରେ ବିଜେଡ଼ି କର୍ମୀ ଶୋଭାଯାତ୍ରାରେ ଯାଉଛନ୍ତି।

ବରିଷ୍ଠ ନେତା ଜନ୍ମେଜୟ ମହାପାତ୍ର, ହରଜେନ୍ଦ୍ର ସିଂ, ରାଜ୍ୟ ଯୁବ ବିଜୁ ଜନତା ଦଳ ସମ୍ପାଦକ ସୁମନ୍ତ ପଣ୍ଡା, ପଶ୍ଚିମାଞ୍ଚଳ ଜୋନ୍ ବିଜୁ ଛାତ୍ର ଜନତା ସଭାପତି ବୈକୁଣ୍ଠ ନାଏକ, ମହିଳା ନେତ୍ରୀ ମୈଥିଳୀ ବେହେରା, ଜିଲା ଆଇନଜୀବୀ ସାମ୍ମୁଖ୍ୟ ଆବାହକ ଅଶୋକ ସ୍ୱାଇଁ, ଆଡଭୋକେଟ ସନ୍ତୋଷ ଆଚାର୍ଯ୍ୟ, ଧର୍ମେଶ ପଟେଲ, ସ୍ୱରାଜ ପଟେଲ, ଶାନ୍ତ ଧରୁଆ, ସୁନୀଲ ମହାପାତ୍ର, ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ସୁରେନ୍ଦ୍ର ଭିଡ୍ରିଆ, କାର୍ତ୍ତିକ ରକ୍ସା, ହେମଗିର ବ୍ଲକ ସଭାପତି ସୁକାନ୍ତ ପତି, ପ୍ରଦୀପ ବିଶ୍ୱକର୍ମା, କୁଳଦୀପ ଶେଖର ଦେଓ, ମୁକେଶ ପୁରୋହିତ ପ୍ରମୁଖ ଯୋଗଦେଇ ବିଧାୟିକାଙ୍କ ଏତାଦୃଶ କାର୍ଯ୍ୟକଳାପକୁ ଦୃଢ ନିନ୍ଦା କରିଥିଲେ। ରାଜ୍ୟର ନବୀନ ପଟ୍ଟନାୟକ ନେତୃତ୍ୱାଧୀନ ସରକାରର ସୁଶାସନ ଲୋକଙ୍କ ନିକଟରେ ପହଞ୍ଚିବା ଦିଗରେ ସରକାରୀ ଅଧିକାରୀ ଓ କର୍ମଚାରୀଙ୍କ ପ୍ରମୁଖ ଭୂମିକା ଥିବାରୁ ସେମାନଙ୍କ ସୁରକ୍ଷା ପାଇଁ ଦାବି କରିଥିଲେ। ଗତ ୧୯ ତାରିଖରେ ବିଧାୟିକା ହେମଗିର ବ୍ଲକ ପଞ୍ଚାୟତ ସମିତି ବୈଠକରେ ଯୋଗଦେବାକୁ ଯାଇଥିବାବେଳେ ଦସ୍ତଖତ ଖାତାରେ ନିଜ ନାମ ତଳେ ଥିବା ଦେଖି ରାଗିଯାଇ ଉକ୍ତ ପୃଷ୍ଠାକୁ ବଦଳାଇ ତାଙ୍କ ନାମ ସର୍ବପ୍ରଥମେ ଲେଖିବା ପାଇଁ ବାଧ୍ୟ କରିଥିଲେ। ତାଙ୍କ କଥା ନ ମାନିଲେ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କୁ ଉଠବସ କରିବାକୁ ଧମକ ଦେବା ଘଟଣାକୁ ପରବର୍ତ୍ତୀ ସମୟରେ ହେମଗିର ପଞ୍ଚାୟତ ସମିତି ତରଫରୁ ନିନ୍ଦା କରାଯାଇଥିଲା। ବିଧାୟିକାଙ୍କ ଏତାଦୃଶ ଆଚରଣ ବିରୁଦ୍ଧରେ ଏକ ନିନ୍ଦା ପ୍ରସ୍ତାବ ମଧ୍ୟ ଗୃହୀତ ହୋଇଛି। ଅପରପକ୍ଷେ ବିଧାୟିକା ଟେଟେ ତାଙ୍କ ବିରୋଧରେ ଏଭଳି ଅଭିଯୋଗକୁ ଦୃଢ ଭାବେ ଖଣ୍ଡନ କରିଛନ୍ତି। ସେହିଦିନ ପଞ୍ଚାୟତ ସମିତି ବୈଠକରେ ତାଙ୍କ ନାମକୁ ଦସ୍ତଖତ ଖାତାରେ ୪୧ନଂ. ରଖାଯିବା ତାଙ୍କ ପ୍ରତି ଅସମ୍ମାନ କରାଯାଇଛି। ତାଙ୍କ ସହିତ ଯାଇଥିବା ୨ଜଣ ତାଙ୍କର ବ୍ୟକ୍ତିଗତ ସହାୟକ ଥିଲେ ବୋଲି ସେ କହିବା ସହ ସରକାରୀ ଅଧିକାରୀ ଓ କର୍ମଚାରୀମାନଙ୍କ ବିରୁଦ୍ଧରେ ସେ ସେଭଳି କୌଣସି ମନ୍ତବ୍ୟ ଦେଇନାହାନ୍ତି। ନିର୍ବାଚନରେ ଜନସାଧାରଣ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ବିଧାୟିକା ଭାବେ ନିର୍ବାଚିତ କରିଥିବାରୁ ତାଙ୍କ ଲୋକପ୍ରିୟତାରେ ଈର୍ଷାନ୍ୱିତ ହୋଇ ବିରୋଧୀ ମାନଙ୍କର ଏହା ଏକ ରାଜନୈତିକ ଚାଲ୍ ବୋଲି ସେ ପ୍ରକାଶ କରିଛନ୍ତି ।

## ଦାନପଡ଼ାରେ ମହିଳାଙ୍କୁ ପୋଡି ହତ୍ୟା

**କୁତ୍ରା, ୨୬।୬ (ଡି.ଏନ.ଏ)**

କୁତ୍ରା ଥାନା ଅଧିନ ରାଜାପସା ଗ୍ରାମ ପଞ୍ଚାୟତ ଦାନପଡାଠାରେ ଥିବା ଏକ ନାଳ କଡରେ ଜଣେ ମହିଳାଙ୍କୁ ପେଟ୍ରୋଲ କିମ୍ବା ଡିଜେଲ ଢ଼ାଳି ପୋଡି ଦିଆଯାଇଛି। ମହିଳା ଜଣକ ସମ୍ପୂର୍ଣ୍ଣ ଭାବେ ଜଳି ଯାଇଥିବାରୁ ତାଙ୍କୁ ଚିହ୍ନଟ କରାଯାଇ ପାରିନାହିଁ। ଏସ୍‌ପି ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ମୃତଦେହକୁ ସୁନ୍ଦରଗଡ ସ୍ଥାନାନ୍ତର କରାଯାଇଛି। କୁତ୍ରା ପୋଲିସ ଠାରୁ ଜାଣିବାକୁ ମିଳିଛି ଯେ, ମଙ୍ଗଳବାର ରାତିରେ ଦାନପଡା ଗ୍ରାମ ପାଖରେ ଥିବା ଏକ ନାଳ କଡରେ ନିଆଁ ଜଳୁଥିବା ଦେଖିବାକୁ ମିଳିଥିଲା। ବୁଧବାର ସକାଳେ ଜଣେ ନିଆଁରେ ପୋଡ଼ିଥିବା ଦେଖିବାକୁ ମିଳିଛି। ହାତରେ ମହିଳା ବ୍ରେସଲେଟ ଏବଂ ଏକ ନାକ ଗୋଟକିକୁ ଦେଖି ଏହା ମହିଳାଙ୍କ ଶବ ବୋଲି ପୋଲିସ କହିଛି। ଚିହ୍ନଟ ପାଇଁ ଗ୍ରାମବାସୀଙ୍କୁ ଡାକିଥିଲେ। ହେଲେ ଗ୍ରାମବାସୀ ଚିହ୍ନଟ କରିପାରି ନ ଥିଲେ। ଖବରପାଇ ଘଟଣା ସ୍ଥଳରେ ସୁନ୍ଦରଗଡ ଏସପି ଓ ମାଜିଷ୍ଟ୍ରେଟ, କୁତ୍ରା ବିଡିଓ ଉପସ୍ଥିତ ରହି ଅଧପୋଡା ମୃତଦେହକୁ ସୁନ୍ଦରଗଡ ସଦର ହସ୍ପିଟାଲକୁ ପଠାଇଥିଲେ। ହେଲେ ଏହା ଏକ ଅଚିହ୍ନା ମୃତଦେହ ହୋଇଥିବାରୁ ସମ୍ବଲପୁର ପଠାଯାଇ ସେଠାରେ ବ୍ୟବଚ୍ଛେଦ କରାଯିବା ସାଙ୍ଗକୁ ଡିଏନଏ ପରୀକ୍ଷା କରାଯିବ ବୋଲି କୁତ୍ରା ପୋଲିସ ଠାରୁ ଜାଣିବାକୁ ମିଳିଛି।

■ ରାଜଗାଙ୍ଗପୁର ପୌରପରିଷଦ

# ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**ରାଜଗାଙ୍ଗପୁର, ୨୬।୬ (ଡି.ଏନ.ଏ)**

ରାଜଗାଙ୍ଗପୁର ପୌରପରିଷଦ ପକ୍ଷରୁ ବୁଧବାର ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ପ୍ରଶିକ୍ଷଣ ଶିବିରରେ ଜିଲା ସହରାଞ୍ଚଳ ପ୍ରକଳ୍ପ ନିର୍ଦ୍ଦେଶକ ମାର୍ଶେଲ ଏକ୍କା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପୌରନିର୍ବାହୀ ଅଧିକାରୀ ଜ୍ୟୋର୍ତିମୟ ଦାସ, ବର୍ଜ୍ୟବସ୍ତୁ ପରିଚାଳନା ନୋଡାଲ ଅଫିସର ଡ. ଏ ପାଣିଗ୍ରାହୀ, ସେନିଟାରୀ ଅଧିକାରୀ ଅନୀଲ ଲାକଡା ପ୍ରମୁଖ ଉପସ୍ଥିତ ରହିଥିଲେ। ପ୍ରଶିକ୍ଷଣ ଶିବିରରେ ଉପସ୍ଥିତ ଥିବା ପରିମଳ କର୍ମଚାରୀ, ଏସ୍‌ଏଚ୍‌ଜି ସଭ୍ୟା ଓ ଜରି ଗୋଟାଳିଙ୍କୁ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ପ୍ରଶିକ୍ଷଣ ଦେଇଥିଲେ। ପରେ ପରିମଳ କର୍ମଚାରୀ ଓ ଜରି



ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ମଞ୍ଚାସୀନ ଅତିଥି, ଅଧିକାରୀ।

ଗୋଟାଳିଙ୍କୁ ପରିମଳ ଉଠାଇବା ପାଇଁ ପ୍ରୋଟେକ୍ସନ ଯଥା ଯୋତା, ମାକ୍ସ, ହେଲମେଟ ଇତ୍ୟାଦି ବଣ୍ଟନ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ୨୦୦ରୁ ଉର୍ଦ୍ଧ୍ୱ ପରିମଳ କର୍ମଚାରୀ ଜରି ଗୋଟାଳି ଓ ଏସ୍‌ଏଚ୍‌ଜି ମେମ୍ବର ଉପସ୍ଥିତ ଥିଲେ। ବହୁ ସଂଖ୍ୟାରେ ସହରବାସୀ ଉପସ୍ଥିତ ଥିଲେ। ଏହି ଶିବିରକୁ ରାଜଗାଙ୍ଗପୁର ପୌରପରିଷଦର ପରିମଳ ନିରୀକ୍ଷକ ଭବାନୀ ପଟେଲ ଓ ସହକାରୀ ପରିମଳ ନିରୀକ୍ଷକ କାର୍ତ୍ତିକଚରଣ ମହାରଣା ପରିଚାଳନା କରିଥିଲେ।

## ଗ୍ରାମପଞ୍ଚାୟତ ନୂତନ କାର୍ଯ୍ୟାଳୟ ନିମନ୍ତେ ଭୂମିପୂଜନ

**ବେଦବ୍ୟାସ, ୨୬।୬ (ଡି.ଏନ.ଏ)**

ଲାଠିକଟା ବ୍ଲକ ଅନ୍ତର୍ଗତ କଲୁଙ୍ଗା (କ) ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ବୁଧବାର ମଧ୍ୟାହ୍ନ ୧୨ଟାବେଳେ ସ୍ଥାନୀୟ ସରପଞ୍ଚ ରାମ ମାଝିଙ୍କ ଦ୍ୱାରା ଭୂମିପୂଜନ କାର୍ଯ୍ୟକ୍ରମ ହୋଇଛି। ଏହି ଅବସରରେ ପଞ୍ଚାୟତର ୧୨ଟି ୱାର୍ଡର ସମସ୍ତ ସଭ୍ୟ, ସମିତି ସଭ୍ୟ କିଶୋର କେରକେଟା ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। କଲୁଙ୍ଗା (କ) ଗ୍ରାମ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନାହିଁ। ସରପଞ୍ଚଙ୍କ ଉଦ୍ୟମ ଫଳରେ ଲାଠିକଟା ତହସିଲଦାର ଓ ଲାଠିକଟା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହଯୋଗରେ ସଫଳ ହୋଇପାରିଛି। ବର୍ତ୍ତମାନ ଅସ୍ଥାୟୀ ଭାବେ କଲୁଙ୍ଗା ଗ୍ରାମର ସମାଜ ମଙ୍ଗଳ କେନ୍ଦ୍ରରେ ଚାଲୁଛି। ଏନେଇ ପଞ୍ଚାୟତବାସୀଙ୍କ ତରଫରୁ ସମସ୍ତ ୱାର୍ଡ ସଭ୍ୟ, ସମିତି ସଭ୍ୟ ଓ ସରପଞ୍ଚ ରାମ ମାଝି ତହସିଲଦାର ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସମେତ ସରକାରଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।


କଲୁଙ୍ଗା (କ) ଗ୍ରାମ ପଞ୍ଚାୟତର ନୂତନ କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ଭୂମିପୂଜନ କାର୍ଯ୍ୟକ୍ରମରେ ସରପଞ୍ଚ ଓ ଅନ୍ୟମାନେ ଉପସ୍ଥିତ।

# ଜମି ଜବରଦଖଲକୁ ନେଇ ତହସିଲରେ ଗ୍ରାମବାସୀଙ୍କ ଧାରଣା

**ଲହୁଣୀପଡା, ୨୬।୬ (ଡି.ଏନ.ଏ)**

ଲହୁଣୀପଡା ବ୍ଲକ ଖୁଣ୍ଟଗାଁ ପଞ୍ଚାୟତ ସାଧୁବାହାଲ ଗ୍ରାମବାସୀ ବୁଧବାର ଜାଗିର ଜମିକୁ ଜବରଦଖଲ କରିଥିବା ବିରୋଧରେ ତହସିଲ କାର୍ଯ୍ୟାଳୟରେ ଗେଟ ପକାଇ ଧାରଣାରେ ବସିଥିଲେ। ସମାଧାନର ପ୍ରତିଶ୍ରୁତି ପାଇଲା ପରେ ଧାରଣାରୁ ଉଠିଥିବା ଜଣାଯାଇଛି। ସୂଚନା ଅନୁସାରେ ସାଧୁବାହାଲ ଗ୍ରାମର ସ୍ୱର୍ଗତ ମହରଗୁ ପାତ୍ର ଗ୍ରାମର ବେହେରା କାର୍ଯ୍ୟ କରୁଥିଲେ। ସେଥିପାଇଁ ତାଙ୍କ ନାମରେ ଦୁଇ ଏକର ୯୨ ଡିସିମିଲ ଜାଗିର ଜମି ଥିଲା। କିନ୍ତୁ ସେ ମୃତ୍ୟୁବରଣ କରିବା ପରେ ତାଙ୍କ ଦୁଇ ସମ୍ପର୍କୀୟ ଆସି ଉକ୍ତ ଜମିକୁ ଦଖଲ କରୁଥିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ଗ୍ରାମବାସୀ କହିଲେ ମହରଗୁ ପାତ୍ରଙ୍କ ନିଜର କେହି ନାହାନ୍ତି। ସେ ମୃତ୍ୟୁବରଣ କରିବା ପରେ ଜାଗିର ବ୍ୟବସ୍ଥା ବନ୍ଦ ହୋଇଗଲା। ଏଣୁ ଉକ୍ତ ଜମିକୁ ସରକାର ନେଇଯାଆନ୍ତୁ କିମ୍ବା ଗ୍ରାମ୍ୟ ଜମି ହିସାବରେ ଛାଡି ଦିଅନ୍ତୁ। ଏହାକୁ ନେଇ ଗ୍ରାମବାସୀ ଓ ଜବରଦଖଲ କରୁଥିବା ସଦା ପାତ୍ର ମଧ୍ୟରେ ବିବାଦ ଲାଗି ରହିଛି। ଏହା କୁଆଡେ ନ୍ୟାୟାଳୟରେ ବିଚାରଧିନ ଅଛି। ଏଣୁ ଉକ୍ତ ଜମିକୁ କେହି ଚାଷ କରିପାରିବେ ନାହିଁ ବୋଲି କୁଆଡେ ପୂର୍ବ ତହସିଲଦାର ନିର୍ଦ୍ଦେଶ ଦେଇଥିଲେ ମଧ ଚଳିତବର୍ଷ ସଦା ପାତ୍ର ଉକ୍ତ ଜମିରେ ହଳ କରିବାରୁ ଗ୍ରାମବାସୀ ମନା କରିବା ସହିତ ତହସିଲଦାରଙ୍କୁ ଜଣାଇଥିଲେ। ଏହାର ସମାଧାନ କରିବା ପାଇଁ ତହସିଲଦାର ମଧ କହିଥିଲେ। କିନ୍ତୁ ସଦା ପାତ୍ର ଜୋର ଜବରଦସ୍ତି ହଳ କରିବାରୁ ଗ୍ରାମବାସୀ ବୁଧବାର ତହସିଲ କାର୍ଯ୍ୟାଳୟ ଆସି ଧାରଣା ଦେଇଥିଲେ। ଖବରପାଇ ଲହୁଣୀପଡା ପୋଲିସ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିଥିଲେ। ବୁଧବାର ତହସିଲଦାର, ଅତିରିକ୍ତ ତହସିଲଦାର ଅନୁପସ୍ଥିତ ଥିବାରୁ ଅନ୍ୟ ଦିନ ଆସି ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପାଇଲା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।


ଗ୍ରାମବାସୀ ତହସିଲ ଅଫିସରେ ଧାରଣା ଦେଇଛନ୍ତି।

# ସାଢ଼େ ୯ଫୁଟ ଲମ୍ବର ଅଜଗର ଉଦ୍ଧାର

**କୁତ୍ରା, ୨୬।୬ (ଡି.ଏନ.ଏ)**

କୁତ୍ରା ବ୍ଲକ ତଥା ରାଜଗାଙ୍ଗପୁର ଥାନା ଅଧିନ ଜ୍ଞାନପାଲିର ଏକ ଚାଷ ଖେତରୁ ବୁଧବାର ସକାଳେ ସାଢ଼େ ୯ ଫୁଟ ଲମ୍ବର ଅଜଗର ଉଦ୍ଧାର କରାଯାଇଛି। ରାଜଗାଙ୍ଗପୁର ବନ କର୍ମଚାରୀଙ୍କ ଦ୍ୱାରା ଉଦ୍ଧାର ଅଜଗରକୁ ଜଙ୍ଗଲରେ ଛାଡି ଦିଆଯାଇଥିବା


ଉଦ୍ଧାର ହୋଇଥିବା ଅଜଗର।

ଜଣାପଡିଛି। ଜ୍ଞାନପାଲି ଗ୍ରାମର ଅଜୟ ଲାକଡା ନିଜ ଚାଷ ଜମିକୁ ବୁଲିବାକୁ ଯାଇଥିଲେ । ସେ ବୁଲୁ ବୁଲୁ ତାଙ୍କ ଖେତରେ ଏକ ବଡ ଅଜଗର ସାପକୁ ଦେଖିବାକୁ ପାଇଥିଲେ । ପରେ ସେ ଅଜଗରକୁ କେହି ମାରିଦେବେ ଭାବି ରାଜଗାଙ୍ଗପୁର ବନ ବିଭାଗକୁ ଖବର ଦେଇଥିଲେ। ରାଜଗାଙ୍ଗପୁର ବନ ବିଭାଗ ଖବର ପାଇଲା ପରେ ସୁରେଶ ଲାକଡା ଓ ତେଲେଙ୍ଗା କୁଜୁର ନାମକ ଦୁଇ ଜଣ ବନ କର୍ମଚାରୀଙ୍କୁ ଘଟଣା ସ୍ଥଳକୁ ପଠାଇଥିଲେ। ଘଟଣା ସ୍ଥଳରେ ପହଞ୍ଚି ବନ କର୍ମଚାରୀମାନେ ଅଜଗରକୁ ଧରି ମାପ କଲାପରେ ସାଢ଼େ ୯ ଫୁଟ ଲମ୍ବ ଥିବା ଜାଣିବାକୁ ପାଇଥିଲେ। ପରେ ଅଜଗର ସାପକୁ ବନ କର୍ମଚାରୀମାନେ ରାଜଗାଙ୍ଗପୁର ବ୍ଲକ ଅଧିନ କୁଲୁଲୁ ଜଙ୍ଗଲରେ ଛାଡିଦେଇଥିବା ଜଣାପଡିଛି।

# ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର, ଅବୈଧ କାରବାର ବିରୋଧ ଦିବସ

**ସୁନ୍ଦରଗଡ, ୨୬।୬ (ଡି.ଏନ୍.ଏ)**

ଜିଲା ପ୍ରଶାସନ ତରଫରୁ ଜିଲା ସାମାଜିକ ସୁରକ୍ଷା, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଜିଲା ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ବୁଧବାର ଜିଲାସ୍ତରୀୟ ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ବିରୋଧ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନିଶାନିବାରଣ ନିମନ୍ତେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଅତିରିକ୍ତ ଜିଲାପାଳ ଭାସ୍କର ଚନ୍ଦ୍ର ଡୁଡୁକ, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଦିଲ୍ଲୀପ କୁମାର ଷଡଙ୍ଗୀ ଓ ଜିଲା ଅବକାରୀ ଅଧୀକ୍ଷକ ଲକ୍ଷ୍ମୀଧର ପରିଡା ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ଏଏନ୍‌ଏମ୍, ଜିଏନ୍‌ଏମ୍, ଏନ୍‌ସିସି, ଏନ୍‌ଏସ୍‌ଏସ୍‌ର ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ ସଙ୍ଗଠନ ଆଭାର କର୍ମକର୍ତ୍ତା,



ଅନ୍ତର୍ଜାତୀୟ ନିଶାଦ୍ରବ୍ୟ ଅପବ୍ୟବହାର ଓ ଅବୈଧ କାରବାର ବିରୋଧ ଦିବସରେ ଶୋଭାଯାତ୍ରା।

ଜିଲା ଅବକାରୀ ବିଭାଗ ଓ ସାମାଜିକ ସୁରକ୍ଷା ବିଭାଗର କର୍ମଚାରୀମାନେ ଭାଗନେଇଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରି ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ପଦଯାତ୍ରୀ ଦଳ ବିଭିନ୍ନ ସଚେତନତାଧର୍ମୀ ସ୍ଲୋଗାନ ମାଧ୍ୟମରେ ନିଶା ନିବାରଣ ନିମନ୍ତେ ସଚେତନତା ସୃଷ୍ଟି କରିଥିଲେ। ଏହି କାର୍ଯ୍ୟକ୍ରମକୁ ସଦର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ମିନୁ ତାଣ୍ଡିଆ, ଜିଲା ରାଷ୍ଟ୍ରୀୟ ବାଲ ସୁରକ୍ଷା କାର୍ଯ୍ୟକ୍ରମର ପ୍ରବନ୍ଧକ ପ୍ରଶାନ୍ତ ପରିଡା, ଜିଲା ସାମାଜିକ ସୁରକ୍ଷା ବିଭାଗର ରାହୁଲ ସରାଫ, ସ୍ମିତାରାଣୀ ସାହୁ, କ୍ରାନ୍ତି ମୋଦି, ପ୍ରତିମା ପଣ୍ଡା, ଚିରସ୍ମିତା ପାତ୍ର ପ୍ରମୁଖ ପରିଚାଳନା କରିଥିଲେ।

